Weekly Multilingual

# ଭଏସ୍ ଅଫ୍ ଭିକ୍ଟିମ୍ସ

Voice of VictiMs

Pages-8 ODIMUL00867 Rs - 5.00

ଭାଗ:୧, ସଂଖ୍ୟା-୨୪, ଭୁବନେଶ୍ୱର, ୨୯ ଏପ୍ରିଲ ରୁ ୫ ମେ', ୨୦୨୪ Vol-1, Issue-24, Bhubaneswar, 29 April to 5 May , 2024

FOR EXCLUSIVE WEDDING CARDS

Bandhan
ସୁ-ସମ୍ପର୍କ ଗଢେ

ବନ୍ଧନ
ସୁ-ସମ୍ପର୍କ ଗଢେ

ALL TYPES OF INVITATION CARDS

WE HAVE NO BRANCH
Ph:- 0674-2310196
Mob:- 8260685257

ଏଠାରେ ନିମନ୍ତ୍ରଣ କାର୍ଡ ମିଳେ

# ଓଡ଼ିଆ ଅସ୍ମିତା ଏବେ ସଙ୍କଟରେ ଥିବା କହିଲେ ପ୍ରଧାନମନ୍ତ୍ରୀ ମୋଦି

**ନୂଆଦିଲ୍ଲୀ:** ଦେଶ ଓ ରାଜ୍ୟରେ ଏବେ ନିର୍ବାଚନ ଋତୁ ଚାଲିଛି। ୨୦୨୪ ମହାସଂଗ୍ରାମ ଭିତରେ ଆଜି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓଡ଼ିଶା ସମ୍ପର୍କରେ ବଡ଼ ବୟାନ ଦେଇଛନ୍ତି।

ସେ କହିଛନ୍ତି ଯେ ଓଡ଼ଆ ଅସ୍ମିତା ଏବେ ସଙ୍କଟରେ ରହିଛି। ରାଜ୍ୟ ବିଜେପି କ୍ଷମତାସୀନ ବିଜେଡି ବିରୋଧରେ ଲଢ଼ିବାକୁ ଓଡ଼ିଆ ଅସ୍ମିତାକୁ ମୁଖ୍ୟ ପ୍ରସଙ୍ଗ କରିଛି। ସେହିପରି ଆଜି ମଧ ବିଜେପି ରାଷ୍ଟ୍ରୀୟ ଅଧକ୍ଷ ଜେପି ନଡ୍ଡା ବିଜେଡିକୁ ଟାର୍ଗେଟ କରିବା ବେଳେ ବାହାର ଲୋକଙ୍କୁ ଓଡ଼ିଶା ସରକାର ପ୍ରଶ୍ରୟ ଦେଉଛନ୍ତି ବୋଲି କହିଥିଲେ। ଏହାକୁ ନେଇ ବିଜେଡି ବ୍ୟାକଫୁଟରେ ଥିବା ବେଳେ ଆଜି ମୋଦି ଓଡ଼ିଆ ଅସ୍ମିତା ପ୍ରସଙ୍ଗକୁ ଆହୁରି ତୀବ୍ର କରିଛନ୍ତି।

ଗୋଟିଏ ଜାତୀୟ ଗଣମାଧ୍ୟମକୁ ସାକ୍ଷାତକାର ଦେଇ ଓଡ଼ିଶା ପ୍ରସଙ୍ଗରେ ପ୍ରଧାନମନ୍ତ୍ରୀ ମୋଦି ବଡ଼ ମନ୍ତବ୍ୟ ଦେଇଛନ୍ତି। ଓଡ଼ିଶା ସଂକ୍ରାନ୍ତ ପ୍ରଶ୍ନରେ ମୋଦି କହିଛନ୍ତି, " ଓଡ଼ିଆ ଅସ୍ମିତା, ଓଡ଼ିଆ ଭାଷା ଏବେ ବିପଦରେ ଅଛି। ବିଜୁ ଜନତା ଦଳ ଆମକୁ ପ୍ରସଙ୍ଗ ଭିତ୍ତିରେ ସମର୍ଥନ ଦେଉଥିଲା। ଏଭଳି ଅନେକ ଦଳ ଆମକୁ ପ୍ରସଙ୍ଗ ଭିତ୍ତିକ ସମର୍ଥନ କରଛନ୍ତି।

ବିଜେଡି ସହ ଆମର ସଂପର୍କ ରାଜ୍ୟରେ ପୂରା ଅଲଗା। ଓଡ଼ିଶାର ପୂରା ଅସ୍ମିତା ଏବେ ଶେଷ ହେବାକୁ ବସିଛି। ଓଡ଼ିଆ ଭାଷା ଓ



ଅସ୍ମିତା ଏବେ ସଂକଟରେ ରହିଛି। ଓଡ଼ିଶାବାସୀ ଏହାକୁ ଆଉ ବରଦାସ୍ତ କରିବେ ବୋଲି ଭାବୁନି। ପ୍ରାକୃତିକ ସଂପଦରେ ଭରପୂର ରହିଛି ଓଡ଼ିଶା। ଏତେ ସଂପଦରେ ପରିପୂର୍ଣ୍ଣ ଓଡ଼ିଶା ୧ ନମ୍ବର ଧନୀ ରାଜ୍ୟ ହେବା କଥା। କିନ୍ତୁ ଓଡ଼ିଶାର ସ୍ଥିତି ଏବେ କଣ ଆପଣ ଦେଖୁଥିବେ। ଏଭଳି ସ୍ଥିତିରେ ଆମକୁ ଓଡ଼ିଶାର ସେବା ପାଇଁ ସୁଯୋଗ ମିଳିବା ଦରକାର। ଆମକୁ ସୁଯୋଗ ମିଳିଲେ, ଆମେ ଓଡ଼ିଶାକୁ ନୂଆ ଶିଖରକୁ ନେବୁ।"

ଏହାବାଦ ମୋଦି ଉକ୍ତ ସାକ୍ଷାତକାରରେ କଂଗ୍ରେସ ସମ୍ପର୍କରେ ମଧ୍ୟ ରଖି ଦଳକୁ ତୀବ୍ର ସମାଲୋଚନା କରିଛନ୍ତି। ଏଥିସହ ୨୦୪୭ ବିକଶିତ ଭାରତ କଥା ଦୋହରାଇଛନ୍ତି।

## ବିଜ୍ଞାପନ ପାଇଁ ଗୁଗଲରେ ୬ ବର୍ଷରେ ଖର୍ଚ୍ଚ ହେଲାଣି ୩୯୦ କୋଟି

# ବିଜେପିର ୧୦୦ କୋଟି, କଂଗ୍ରେସର ୪୫ କୋଟି

**ନୂଆଦିଲ୍ଲୀ:** ଭାରତ ଇତିହାସରେ ପ୍ରଥମ ରାଜନୀତିକ ଦଳ ଭାବେ ଶାସକ ବିଜେପି ନିଜର ପ୍ରଚାର ପାଇଁ ସର୍ଚ୍ଚ ଇଞ୍ଜିନ ଗୁଗଲ ଓ ଏହାର ଭିଡିଓ ପ୍ଲାଟଫର୍ମ ୟୁଟ୍ୟୁବରେ ୧୦୦ କୋଟିରୁ ଅଧିକ ଟଙ୍କା ଖର୍ଚ୍ଚ କରି ସାରିଲାଣି।

ବିଜେପି ତା'ର ଡିଜିଟାଲ ପ୍ରଚାର ପାଇଁ ଏଯାଏ ୧୦୧ କୋଟି ଟଙ୍କା ଖର୍ଚ୍ଚ କରିଛି। ଏହା କଂଗ୍ରେସ, ଡିଏମକେ ଓ ରାଜନୀତିକ ପରାମର୍ଶଦାତା କମ୍ପାନୀ ଇଣ୍ଡିଆନ ପଲଟିକାଲ ଆକ୍ସନ କମିଟିର ବିଜ୍ଞାପନ ସହ ସମାନ। ୨୦୧୮ରୁ ଏଯାବତ ମଧ୍ୟରେ ବିଜେପି ଏହି ପରିମାଣର ଟଙ୍କା ଖର୍ଚ୍ଚ କରିଛି।



୨୦୧୮ ମେ' ୩୧ରୁ ୨୦୨୪ ଏପ୍ରିଲ ୨୫ ମଧ୍ୟରେ ରାଜନୀତିକ ବିଜ୍ଞାପନ ପାଇଁ ଗୁଗଲରେ ମୋଟ ୩୯୦ କୋଟି ଟଙ୍କା ଖର୍ଚ୍ଚ ହୋଇଛି। ଏହା ମଧ୍ୟରୁ ବିଜେପିର ଭାଗ ୨୬%। ଗୁଗଲର ରାଜନୀତିକ ବିଜ୍ଞାପନର ସଂଜ୍ଞା ବେଶ ବ୍ୟାପକ। ଏହା ମଧ୍ୟରେ ନ୍ୟୁଜ ସଂସ୍ଥା, ସରକାରୀ କାର୍ଯ୍ୟକ୍ରମର ପ୍ରଚାର କରୁଥିବା ବିଭାଗ ଓ ଅଭିନେତା-ରାଜନେତାଙ୍କୁ ନେଇ ପ୍ରସ୍ତୁତ ହେଉଥିବା ଗୁଗଲ ବିଜ୍ଞାପନ ରହିଛି।

ଗତ ୬ ବର୍ଷ ମଧ୍ୟରେ ମୋଟ ୨,୧୭,୯୯୨ ବିଜ୍ଞାପନ ଗୁଗଲ ପ୍ରକାଶ କରିଥିବା ବେଳେ ଏହା ମଧ୍ୟରେ ବିଜେପିର ସଂଖ୍ୟା ୭୩% ଅର୍ଥାତ ୧,୬୧,୦୦୦ ରହିଛି।

ବିଜେପି ତା'ର ଅଧିକାଂଶ ବିଜ୍ଞାପନରେ କର୍ଣ୍ଣାଟକା, ଉତ୍ତର ପ୍ରଦେଶ, ରାଜସ୍ଥାନ ଓ ଦିଲ୍ଲୀବାସୀଙ୍କୁ ଟାର୍ଗେଟ କରିଛି।

କର୍ଣ୍ଣାଟକା ପାଇଁ ୧୦.୮ କୋଟି, ଉତ୍ତର ପ୍ରଦେଶ ପାଇଁ ୧୦.୩ କୋଟି, ରାଜସ୍ଥାନ ପାଇଁ ୮.୫ କୋଟି ଓ ଦିଲ୍ଲୀ ପାଇଁ ଦଳ ୭.୬ କୋଟି ଟଙ୍କା ରାଜନୀତିକ ବିଜ୍ଞାପନରେ ଖର୍ଚ୍ଚ କରିଛି।

ମୋଟ ଉପରେ ଦେଖିଲେ, ବିଭିନ୍ନ ରାଜନୀତିକ ଦଳ ତାମିଲନାଡୁ ପାଇଁ ଗୁଗଲରେ ସର୍ବାଧିକ ରାଜନୀତିକ ବିଜ୍ଞାପନ ପ୍ରକାଶ କରୁଥିବା ବେଳେ ଦ୍ୱିତୀୟରେ ତେଲଙ୍ଗାନା, ତୃତୀୟରେ ଉତ୍ତର ପ୍ରଦେଶ, ୪ର୍ଥରେ କର୍ଣ୍ଣାଟକା ଓ ୫ମରେ ମଧ୍ୟପ୍ରଦେଶ ରହିଛି।

ବିଜେପି ୧୦୦ କୋଟି ଅଧିକ ଟଙ୍କା ଗୁଗଲ ବିଜ୍ଞାପନରେ ଖର୍ଚ୍ଚ କରିଥିବା ବେଳେ ଦ୍ୱିତୀୟରେ କଂଗ୍ରେସ ରହିଛି। କଂଗ୍ରେସ ନିଜର ପ୍ରଚାର ପାଇଁ ୪୫ କୋଟି ଟଙ୍କା ଖର୍ଚ୍ଚ କରିଛି।

୬ ବର୍ଷ ମଧ୍ୟରେ କଂଗ୍ରେସ କେବଳ ୫,୯୯୨ଟି ଅନଲାଇନ ବିଜ୍ଞାପନ ପବ୍ଲିଶ କରିଛି। ଏହା ବିଜେପିର ବିଜ୍ଞାପନ ତୁଳନାରେ ୩.୭%। କଂଗ୍ରେସର ଅଧିକାଂଶ ପ୍ରଚାର କର୍ଣ୍ଣାଟକା ଓ ତେଲଙ୍ଗାନା ଉପରେ ରହିଛି। କର୍ଣ୍ଣାଟକା ଓ ତେଲଙ୍ଗାନା ପାଇଁ ଦଳ ୯.୬ କୋଟି ଲେଖାଏ ଖର୍ଚ୍ଚ କରିଥିବା ବେଳେ ମଧ୍ୟପ୍ରଦେଶ ପାଇଁ ୬.୩ କୋଟି ଟଙ୍କା ଦେଇଛି।

ତାମିଲନାଡୁର ଶାସକ ଦଳ ଡିଏମକେ ଗୁଗଲ ବିଜ୍ଞାପନ ତାଲିକାର ତୃତୀୟ ସ୍ଥାନରେ ରହିଛି। ଦଳ ୨୦୧୮ ମେ'ରୁ ଇତି ମଧ୍ୟରେ ୪୨ କୋଟି ଟଙ୍କା ଗୁଗଲ ପ୍ଲାଟଫର୍ମରେ ଖର୍ଚ୍ଚ କରିଛି। ତାମିଲନାଡୁ ବ୍ୟତୀତ ଡିଏମକେ କର୍ଣ୍ଣାଟକା ପାଇଁ ୧୪ ଲକ୍ଷ ଓ କେରଳ ପାଇଁ ୧୩ କୋଟି ଦେଇଛି।

୨୦୨୩ ନଭେମ୍ବର ମାସ ବିଧାନସଭା ନିର୍ବାଚନ ଯାଏ ବିଆରଏସ୍ ?ର ବିଜ୍ଞାପନ ଗୁଗଲରେ ପ୍ରକାଶ ପାଉଥିଲା। ଦଳ ଏହି ସମୟରେ ୧୨ କୋଟି ଖର୍ଚ୍ଚ କରିଥିଲେ ହେଁ କଂଗ୍ରେସ ଠାରୁ ହାରିଥିଲା।

ପ୍ରଶାନ୍ତ କିଶୋରଙ୍କ Indian Political Action Committee (IPAC) ୱାଇଏସ୍ ?ଆର କଂଗ୍ରେସ ପାଇଁ ୬.୪ କୋଟି ଓ ଟିଏମସି ପାଇଁ ୪.୮ କୋଟି ଟଙ୍କା ଖର୍ଚ୍ଚ କରିଥିଲା ବୋଲି ତଥ୍ୟ ସାମ୍ନାକୁ ଆସିଛି।

# ସଂ ପା ଦ କୀ ୟ

୨୯ ଏପ୍ରିଲ୍ ରୁ ୫ ମେ' ୨୦୨୪

## ହ୍ୱାଟ୍ସ ଆପ୍ ଦ୍ୱନ୍ଦ୍ୱ

ଏହି ନୂଆ ନିୟମକୁ ନେଇ ସୃଷ୍ଟ ବିବାଦ ଦ୍ୱାରା ଅସଂଖ୍ୟ ଭାରତୀୟ ତୀବ୍ର ଦ୍ୱନ୍ଦ୍ୱର ସମ୍ମୁଖୀନ ହେଉଛନ୍ତି। ସେମାନେ ଗୋଟିଏ ପକ୍ଷରେ ସ୍ୱୀକାର କରନ୍ତି ଯେ ମିଥ୍ୟାଚାର, ଗୁଜବ ଏବଂ ଘୃଣା ଆଦିର ପ୍ରସାର ଦ୍ୱାରା ପରିପୃକ୍ତ 'ହ୍ୱାଟ୍ସଆପ୍' ଏବେ ସାଂପ୍ରଦାୟିକ ହିଂସା, ମିଥ୍ୟାଶ୍ରୟୀ ଇତିହାସ ଏବଂ ଅଯଥାର୍ଥ ଚରିତ୍ର ହନନର ମାଧ୍ୟମ ହୋଇଛି, ଯହିଁରେ ବିରାମ ଲାଗିବା ଆବଶ୍ୟକ ଏବଂ ଅନ୍ୟ ପକ୍ଷରେ ସେମାନେ ଦୃଢ଼ ନିଶ୍ଚିତ ଯେ ଏବର ବିଜେପି ସରକାର ନିଜ ପକ୍ଷକୁ ସମର୍ଥନ କରି ଯାହା କହିଲେ ମଧ୍ୟ ପ୍ରକୃତ ଲକ୍ଷ୍ୟ କଦାଚିତ୍ ଏଥିରେ ବିରାମ ଲଗାଇବା ନୁହେଁ; ବରଂ ଏହି ନିୟମ ବଳରେ ସରକାର ଭିନ୍ନମତ ପ୍ରଦାନକାରୀଙ୍କୁ ଅଯଥା ହଇରାଣ କରିବେ ଅଥବା ଯାତନା ଦେବେ।

ସ୍ମାର୍ଟ ଫୋନ୍‌ରେ ବ୍ୟବହୃତ ହେଉଥିବା 'ଆପ୍'ଗୁଡ଼ିକ ଦ୍ୱାରା ଆମ ଉପରେ ପଡ଼ିଥିବା ପ୍ରଭାବ ପରିପ୍ରେକ୍ଷୀରେ ଯଦି ବିଚାର କରାଯାଏ, ତେବେ 'ହ୍ୱାଟ୍ସଆପ୍' ହିଁ ସର୍ବାଧିକ ପ୍ରଭାବଶାଳୀ ବୋଲି ନିର୍ଦ୍ୱନ୍ଦ୍ୱରେ ବିବେଚିତ ହେବ; କାରଣ ୨୦୧୦ ମସିହାର ଆଦ୍ୟ ଭାଗରେ ଭାରତରେ ଏହାର ଆବିର୍ଭାବ ଏକ କାଳ ବିଭାଜିକା ସଦୃଶ ଦିଶିଥାଏ। ପ୍ରକାଶ ଥାଉ କି ଏହି ଆପ୍ ଦ୍ୱାରା ବନ୍ଧୁତା ସୃଷ୍ଟି, ଅତୀତ ଗର୍ଭରେ ନିଖୋଜ ସଂପର୍କମାନର ପୁନଃପ୍ରତିଷ୍ଠା, ସମଧର୍ମାମାନଙ୍କ ଗୋଷ୍ଠୀ ଗଠନ ଏବଂ ପରସ୍ପର ମଧ୍ୟରେ ଭାବ ବିନିମୟ ଠାରୁ ଆରମ୍ଭ କରି ବାଣିଜ୍ୟ ବ୍ୟବସାୟ ବୃଦ୍ଧି ଏବଂ ଅର୍ଥ ପ୍ରେରଣ ଓ ପ୍ରଦାନ ଇତ୍ୟାଦି ପର୍ଯ୍ୟନ୍ତ ଅନେକ ଅପୂର୍ବାନୁମେୟ ସୁଯୋଗର ସୃଷ୍ଟି ସହିତ 'ହ୍ୱାଟ୍ସଆପ୍' ପୂର୍ବବର୍ତ୍ତୀ ଏବଂ ପରବର୍ତ୍ତୀ ଭାରତ ମଧ୍ୟରେ ଏକ ବିଭାଜନ ରେଖା ଦୃଷ୍ଟିଗୋଚର ହୋଇଥାଏ। ସେହି ମର୍ମରେ 'ହ୍ୱାଟ୍ସଆପ୍' ଆସକ୍ତ ଭାରତରୁ ଯେତେବେଳେ ଏହି 'ଆପ୍' ପ୍ରସ୍ଥାନ କରିବାର ଚେତାବନୀ ପ୍ରଦାନ କରିଛି, ସେତେବେଳେ ଏହାର ଚାଳିଶ କୋଟି ବ୍ୟବହାରକାରୀଙ୍କ ମଧ୍ୟରେ ଏକ ଅବିଶ୍ୱାସ ଭରା ଉଦ୍‌ବେଗର ତରଙ୍ଗ ସୃଷ୍ଟି ହେବା ସ୍ୱାଭାବିକ। ଏଭଳି ସ୍ଥଳେ ଏହି ସଂଦର୍ଭରେ ଏକ କ୍ଷୁଦ୍ର ଆଲୋଚନା ପ୍ରାସଙ୍ଗିକ ଭଳି ମନେ ହୋଇଥାଏ।

ତେବେ, ପ୍ରଥମେ ଘଟଣାର ପୃଷ୍ଠଭୂମି ଉପରେ କ୍ଷିପ୍ର ଦୃଷ୍ଟି ନିକ୍ଷେପ କରାଯାଉ। କଥା ହେଲା, ୨୦୨୧ ମସିହାରେ ଭାରତ ସରକାରଙ୍କ ଦ୍ୱାରା ରୂପ ପାଇଥିବା ନୂତନ ସୂଚନା ପ୍ରଯୁକ୍ତି ବା ('ଆଇ.ଟି.') ନିୟମ କହିଥାଏ ଯେ ସାମାଜିକ ଗଣମାଧ୍ୟମରେ ସନ୍ଦେଶ ପ୍ରେରଣର ମଞ୍ଚଗୁଡ଼ିକ ନିକଟରେ ପ୍ରତ୍ୟେକ ସନ୍ଦେଶର ମୂଳ ପ୍ରେରଣକାରୀଙ୍କ ସଂପର୍କରେ ସୂଚନା ରହିବା ଜରୁରୀ, ଯାହା ଆବଶ୍ୟକ ସ୍ଥଳେ ସରକାରଙ୍କୁ ଉପଲବ୍ ?ଧ କରାଯାଇପାରିବ। ସରକାରଙ୍କ କହିବାନୁଯାୟୀ ଏହା ଦ୍ୱାରା ଘୃଣା, ହିଂସା, ଗୁଜବ, ଆତଙ୍କବାଦ, ଅଶ୍ଳୀଳତା ସମ୍ବଳିତ ସନ୍ଦେଶର ସ୍ରଷ୍ଟା ଏବଂ ମୂଳ ପ୍ରସାରଣକାରୀଙ୍କୁ ଠାବ ଓ ଦଣ୍ଡିତ କରାଯାଇପାରିବ। କିନ୍ତୁ ଏହା ବିରୋଧରେ 'ହ୍ୱାଟ୍ସଆପ୍' ଦ୍ୱାରା ଦିଲ୍ଲୀ ହାଇକୋର୍ଟରେ ଦାଖଲ ହୋଇଥିବା ମକଦ୍ଦମାର ପ୍ରଥମ ଶୁଣାଣି ବେଳେ ଏହି ଆପ୍ ପକ୍ଷରୁ ପ୍ରଦତ୍ତ ଯୁକ୍ତି ତ୍ରୟ ହେଲେ: ଏହା ଦ୍ୱାରା ଆପ୍ ବ୍ୟବହାରକାରୀଙ୍କୁ ପ୍ରଦାନ କରାଯାଇଥିବା ସଂପୂର୍ଣ୍ଣ 'ଏନ୍‌କ୍ରିପ୍‌ସନ୍' ବା 'ଗୁପ୍ତ ଲିଖନ'ର ପ୍ରତିଶ୍ରୁତି ଭଙ୍ଗ ହେବ; ଯେଉଁ ଗୋପନୀୟତା ଉପରେ ଅତୁଟ ଆସ୍ଥା ପ୍ରଦର୍ଶନ କରି ପ୍ରସାରିତ ହେଉଥିବା ବ୍ୟକ୍ତିଗତ ଏବଂ ବ୍ୟାବସାୟିକ ସନ୍ଦେଶମାନ ଅଗତ୍ୟା ପ୍ରକାଶ୍ୟ ହୋଇଯିବାର ସମ୍ଭାବନା ସୃଷ୍ଟି ହେବ। ଦ୍ୱିତୀୟରେ, ଏହା ଦ୍ୱାରା ଭାରତୀୟ ସଂବିଧାନ ଦ୍ୱାରା ପ୍ରଦତ୍ତ ଦୁଇଟି ମେ ?ଳିକ ଅଧିକାର (ମୁକ୍ତ ଅଭିବ୍ୟକ୍ତିର ଅଧିକାର ଏବଂ ବ୍ୟକ୍ତିଗତ ଗୋନୀୟତାର ଅଧିକାର) ଅଚିରେ ଭୂଲୁଣ୍ଠିତ ହେବେ। ତୃତୀୟରେ, ନୂତନ ଆଇ.ଟି. ନିୟମାନୁସାରେ ଯେ କେ ?ଣସି ସମୟରେ, େ ?ଯ କୌଣସି ସନ୍ଦେଶର ପ୍ରଥମ ପ୍ରେରକଙ୍କୁ ଚିହ୍ନଟ କରିବା ନେଇ ସରକାର ବା ଅଦାଲତଙ୍କ ଆଗ୍ରହକୁ ଚରିତାର୍ଥ କରିବା ଲାଗି ପ୍ରତି କ୍ଷଣ ଓ ନିରନ୍ତର ଉଦ୍‌ଗମ ହେଉଥିବା ଏବଂ ଚଳାଚଳ କରୁଥିବା ନିୟୁତ ନିୟୁତ ସନ୍ଦେଶକୁ ଦୀର୍ଘ କାଳ ସକାଶେ ସଂରକ୍ଷଣ କରି ରଖିବା ଆବଶ୍ୟକ ହେବ, ଯାହାକୁ ସମ୍ଭବ କରିବା ଲାଗି ପୃଥିବୀରେ ଏ ଯାବତ୍ କୌଣସି 'ଡେଟା ସର୍ଭର' ତିଆରି ହୋଇନାହିଁ। ଏହି ପରିପ୍ରେକ୍ଷୀରେ ସରକାରଙ୍କ ପକ୍ଷରୁ ପ୍ରଦତ୍ତ ତର୍କ ହେଲା 'ହ୍ୱାଟ୍ସଆପ୍' ଭଳି ମଞ୍ଚଗୁଡ଼ିକ ଅବାଧ ସନ୍ଦେଶ ପ୍ରେରଣ ଓ ପ୍ରସାରଣର କେବଳ ନିଃସର୍ତ୍ତ ମାଧ୍ୟମ ମାତ୍ର ହୋଇ ରହିପାରିବେ ନାହିଁ; ତହିଁରେ ପ୍ରସାରିତ ହେଉଥିବା ରାଷ୍ଟ୍ର ଓ ସମାଜ ବିରୋଧୀ ସନ୍ଦେଶ, ଘୃଣା, ଅଶ୍ଳୀଳତା ଏବଂ ଆତଙ୍କବାଦ ସମ୍ବଳିତ ବାର୍ତ୍ତା ପରିପ୍ରେକ୍ଷୀରେ କେତେକ ଦାୟିତ୍ୱ ବହନ କରିବାକୁ ହେବ, ଯହିଁରେ ଏଭଳି ସନ୍ଦେଶର ସ୍ରଷ୍ଟା ଓ ପ୍ରଥମ ପ୍ରସାରଣକାରୀକୁ ଚିହ୍ନଟ କରିବା ଅନ୍ତର୍ଭୁକ୍ତ।

ଆପଣଙ୍କ ଅଭିଯୋଗ, ସମସ୍ୟା, ମତାମତ କୁ ପ୍ରମାଣ ସହ ପଠାନ୍ତୁ। ବିଶେଷ ପୃଷ୍ଠା ନିମନ୍ତେ ଆର୍ଟିକଲ(ଆଲେଖ୍ୟ) ବି ପଠାଇ ପାରିବେ।

ମୋବାଇଲ (ହ୍ୱାଟସ୍‌ଆପ) : ୬୩୭୧୪୧୭୩୬୧
ଇମେଲ: voiceofvictimsnews@gmail.com
ମୁଖ୍ୟ ସମ୍ପାଦକ: କୈଳାସ ଚନ୍ଦ୍ର ଶତପଥୀ
ମୁଖ୍ୟ ପ୍ରତିନିଧି : ରଣଜିତ୍ ପଟ୍ଟନାୟକ

# ବରଫ ତରଳିଗଲେ ଚଳିବ କିପରି ଲଦାଖ ?

**ସରଳ କୁମାର ଦାସ**

ଜଳବାୟୁ ସୁରକ୍ଷା କର୍ମୀ ସୋନମ୍ ୱାଙ୍ଗଚୁକ ସମୁଦ୍ର ପତ୍ତନଠାରୁ ପ୍ରାୟ ୧୧,୫୦୦ ଫୁଟ ଉଚ୍ଚତାରେ ଲଦାଖଠାରେ ମାର୍ଚ୍ଚ ୨୦୨୪ରେ ୨୧ ଦିନ ଧରି ଜଳବାୟୁ ଅନଶନ କରିଥିଲେ। ତାଙ୍କର ଏହି ଅନଶନ ପଛରେ ଦୁଇଟି ଉଦ୍ଦେଶ୍ୟ ସନ୍ନିହିତ ଥିଲା। ପ୍ରଥମତଃ ଜଳବାୟୁ ପରିବର୍ତ୍ତନର କୁପ୍ରଭାବ ଯୋଗୁଁ ଦ୍ରୁତ ଗତିରେ ତରଳୁଥିବା ହିମାଳୟର ହିମ ପ୍ରବାହଗୁଡ଼ିକ ପ୍ରତି ବିଶ୍ୱବାସୀଙ୍କ ଧ୍ୟାନ ଆକର୍ଷଣ କରିବା ଓ ଦ୍ୱିତୀୟତଃ, ଲଦାଖ ଅଞ୍ଚଳର ସମ୍ବଳକୁ ସୁରକ୍ଷା କରିବା ଲାଗି ସେଠାକାର ଅଧିବାସୀମାନଙ୍କୁ ଆଇନଗତ ଅଧିକାର ପ୍ରଦାନ କରିବା ଉଦ୍ଦେଶ୍ୟରେ ଭାରତ ସରକାରଙ୍କ ଉପରେ ଚାପ ପକାଇବା। ଜଳବାୟୁ ପରିବର୍ତ୍ତନ ଜନିତ ସମସ୍ୟା ପ୍ରତି ଧ୍ୟାନ ଆକର୍ଷଣ କରିବା ଲାଗି ଜଳବାୟୁ ସୁରକ୍ଷା କର୍ମୀମାନେ ବିଭିନ୍ନ ସ୍ଥାନରେ ଭିନ୍ନ ଭିନ୍ନ ଉପାୟର ଅବଲମ୍ବନ କରିଥାନ୍ତି। ତେବେ ୱାଙ୍ଗଚୁକଙ୍କ ଜଳବାୟୁ ଅନଶନ ଏ କ୍ଷେତ୍ରରେ ଏକ ସମ୍ପୂର୍ଣ୍ଣ ଅଭିନବ ପ୍ରୟାସ। ପ୍ରତିକୂଳ ପରିବେଶରେ ବାହାରର ତାପମାନ ବିଯୁକ୍ତ ୨୫ ଡିଗ୍ରି ଥିଲାବେଳେ ପରିବେଶର ସୁରକ୍ଷା ଲାଗି କେବଳ ପାଣି ପିଇ ଜଣେ ୨୧ ଦିନ ଧରି ଜଳବାୟୁ ଅନଶନ ମାଧ୍ୟମରେ ପ୍ରତିବାଦ କରିବା ଅନେକଙ୍କୁ ବିସ୍ମିତ କରିବା ସହ ସମସ୍ୟା ପ୍ରତି ବିଶ୍ୱବାସୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲା। ଅବଶ୍ୟ ଏହି ଅନଶନରେ ୱାଙ୍ଗଚୁକ ଏକୁଟିଆ ନ ଥିଲେ। ମହିଳାଙ୍କଠାରୁ ଆରମ୍ଭ କରି ବୌଦ୍ଧ ଲାମାଙ୍କ ପର୍ଯ୍ୟନ୍ତ ହଜାର ହଜାର ସଂଖ୍ୟାରେ ଜନସାଧାରଣ ସ୍ୱତଃପ୍ରବୃତ୍ତ ଭାବେ ତାଙ୍କ ସହ ରିଲେ ଅନଶନରେ ଯୋଗଦାନ କରିବାକୁ ଲାଗିଲେ। ଚାହୁଁଚାହୁଁ ଜଳବାୟୁ ଅନଶନଟି ଆଉ ବ୍ୟକ୍ତିଗତ ଅନଶନରେ ସୀମିତ ନ ରହି ଗଣ ଅନଶନରେ ରୂପାନ୍ତରିତ ହେବାକୁ ବସିଲା। ଫଳରେ ତାହା ଲଦାଖ ଅଧିବାସୀଙ୍କ ବିଭିନ୍ନ ସମସ୍ୟା ପ୍ରତି ଦେଶବାସୀ ଓ ବିଶ୍ୱବାସୀଙ୍କ ଦୃଷ୍ଟି ଆକର୍ଷଣ କରିବାରେ ଫଳପ୍ରଦ ହେଲା।

ଲଦାଖର ଅବସ୍ଥିତି ହିମାଳୟର ଜଳଛାୟା ଅଞ୍ଚଳରେ ହୋଇଥିବାରୁ ସେଠାରେ ବାର୍ଷିକ ହାରାହାରି ମାତ୍ର ସାଢ଼େ ତିନି ଇଞ୍ଚ ବା ୯୦ ମିଲିମିଟର ବୃଷ୍ଟି ହୋଇଥାଏ। ଓଡ଼ିଶାରେ ହେଉଥିବା ବାର୍ଷିକ ହାରାହାରି ୧୪୮୦ ମିଲିମିଟର ବୃଷ୍ଟି ସହ ତୁଳନା କଲେ ତାହା ଯେ କେତେ କମ ତାହା ସହଜରେ ଅନୁମେୟ। ତେଣୁ ଲଦାଖର ଅଧିବାସୀମାନେ ସେମାନଙ୍କ ଦୈନନ୍ଦିନ ପାଣିର ଆବଶ୍ୟକତା ପାଇଁ ମୁଖ୍ୟତଃ ତରଳୁଥିବା ତୁଷାର ଓ ବରଫ ଉପରେ ନିର୍ଭର କରିଥାଆନ୍ତି। କିନ୍ତୁ ଗତ କିଛି ବର୍ଷ ଧରି ସେମାନେ ସେଠାରେ ହିମପ୍ରବାହ (ଗ୍ଲାସିୟର)ଗୁଡ଼ିକର ଦ୍ରୁତ କ୍ଷୟ ହେଉଥିବା ଲକ୍ଷ୍ୟ କରିଆସୁଛନ୍ତି। ଏଥି ସହ ଅନିଶ୍ଚିତ ତୁଷାରପାତ, ମରୁଡ଼ି, ବାଦଲଫଟା ବର୍ଷା ଓ ହିମପ୍ରବାହ ସୃଷ୍ଟ ହ୍ରଦଗୁଡ଼ିକରେ ଅଚାନକ ବନ୍ୟାଜନିତ ବିପ୍ଳାତ ଆଦି ସେଠାକାର ଜଳବାୟୁରେ ହେଉଥିବା ଦ୍ରୁତ ପରିବର୍ତ୍ତନକୁ ରେଖାଙ୍କିତ କରିବା ସହିତ ଆସନ୍ନ ସଙ୍କଟକୁ ଇଙ୍ଗିତ କରୁଛି। କହିବା ବାହୁଲ୍ୟ ଯେ ଲଦାଖ ସଂଲଗ୍ନ ହିମପ୍ରବାହ ଶୃଙ୍ଖଳ ମଧୁର ଜଳର ଏକ ବୃହତ୍ ଭଣ୍ଡାର, ଯାହା ଉପରେ ସାରା ବିଶ୍ୱର ପ୍ରାୟ ଏକ-ଚତୁର୍ଥାଂଶ ଲୋକ ନିର୍ଭର କରିଥାଆନ୍ତି। ତେଣୁ ଏହି ହିମପ୍ରବାହ ଶୃଙ୍ଖଳ ସୁରକ୍ଷିତ ରହିବା କେବଳ ଲଦାଖ ଅଧିବାସୀଙ୍କ ସ୍ୱାର୍ଥରେ ନୁହେଁ ବରଂ ଉତ୍ତର ଭାରତରେ ବସବାସ କରୁଥିବା ଏକ ବିଶାଳ ଜନସମୂହର ସ୍ୱାର୍ଥରେ ମଧ୍ୟ।

କେନ୍ଦ୍ର ଶାସିତ ଅଞ୍ଚଳ ଲଦାଖରେ ଥିବା ଦୁଇଟି ଜିଲ୍ଲା ମଧ୍ୟରୁ ଲେହ ଜିଲ୍ଲା ବୌଦ୍ଧ ବହୁଳ ଅଞ୍ଚଳ ହୋଇଥିବା ବେଳେ କାରଗିଲ୍ ଜିଲ୍ଲା ମୁସଲମାନ ବହୁଳ ଅଞ୍ଚଳ ଅଟେ। ତେବେ ଉଭୟ ବୌଦ୍ଧ ଓ ମୁସଲମାନମାନଙ୍କ ମଧ୍ୟରୁ ଅଧିକାଂଶ ହେଉଛନ୍ତି ଆଦିବାସୀ। ଉଲ୍ଲେଖଯୋଗ୍ୟ ଯେ ଏଠାକାର ୯୭ ପ୍ରତିଶତ ଅଧିବାସୀ ଅନୁସୂଚିତ ଜନଜାତି ବର୍ଗର ଅଟନ୍ତି। ତେଣୁ ଲଦାଖ ଅଧିବାସୀଙ୍କ ଏକ ପ୍ରମୁଖ ଦାବି ହେଉଛି ଲଦାଖକୁ ସମ୍ବିଧାନର ଷଷ୍ଠ ଅନୁସୂଚୀ ଅନ୍ତର୍ଭୁକ୍ତ କରି ତାକୁ ବିଶେଷ ଆଦିବାସୀ ଅଞ୍ଚଳର ମାନ୍ୟତା ପ୍ରଦାନ କରିବା। ସମ୍ବିଧାନର ଷଷ୍ଠ ଅନୁସୂଚୀରେ ଦେଶର ଉତ୍ତର-ପୂର୍ବରେ ଅବସ୍ଥିତ ଆସାମ, ମେଘାଳୟ, ତ୍ରିପୁରା ଓ ମିଜୋରାମ ରାଜ୍ୟଗୁଡ଼ିକରେ ଥିବା ଆଦିବାସୀ ଅଞ୍ଚଳଗୁଡ଼ିକର ଶାସନ ପାଇଁ ବିଶେଷ ପ୍ରାବଧାନ କରାଯାଇଛି। ଏଥିରେ କେତେକ ଆଦିବାସୀ ଅଞ୍ଚଳକୁ ସ୍ୱୟଂଶାସିତ ଅଞ୍ଚଳର ମାନ୍ୟତା ପ୍ରଦାନ କରାଯାଇ ସ୍ୱୟଂଶାସିତ ଜିଲ୍ଲା ବା ଅଞ୍ଚଳ ଗଠନ କରାଯାଇଛି। ଉପରୋକ୍ତ ୪ଟି ରାଜ୍ୟରେ ଏବେ ୧୦ଟି ସ୍ୱୟଂଶାସିତ ଜିଲ୍ଲା କାର୍ଯ୍ୟ କରୁଛି। ଏହି ସ୍ୱୟଂଶାସିତ ଜିଲ୍ଲା କାଉନସିଲଗୁଡ଼ିକୁ ବିଧାୟିକା, କାର୍ଯ୍ୟପାଳିକା, ନ୍ୟାୟିକ ଓ ଆର୍ଥିକ କ୍ଷମତା ପ୍ରଦାନ କରାଯାଇଛି। ଏହାଦ୍ୱାରା ଆଦିବାସୀମାନେ ସେମାନଙ୍କ ଜମି, ଜଙ୍ଗଲ, ଜଳସେଚନ, ପୋଡୁ ଚାଷ, ଗାଁ ଶାସନ, ସମ୍ପତ୍ତି ଉତ୍ତରାଧିକାର, ବିବାହ, ବିଚ୍ଛେଦ, ସାମାଜିକ ବିଧି ଆଦି ସଂକ୍ରାନ୍ତରେ ଆଇନ ପ୍ରଣୟନ କରିପାରୁଛନ୍ତି। ଲଦାଖକୁ ଷଷ୍ଠ ଅନସୂଚି ଅନ୍ତର୍ଭୁକ୍ତ କରାଗଲେ ସେଠାକାର ଅଧିବାସୀମାନେ ଅନୁରୂପ ଭାବେ ସେମାନଙ୍କ ଅଞ୍ଚଳର ସ୍ୱାର୍ଥାନୁକୂଳ ଆଇନ ପ୍ରଣୟନ କରିବା ସହିତ ସ୍ୱାୟତ୍ତ ଶାସନରେ ଅଂଶୀଦାର ହୋଇପାରନ୍ତେ।

ଲଦାଖକୁ ଷଷ୍ଠ ଅନୁସୂଚୀରେ ସାମିଲ କରିବା ପଛର ଦାବି ଏତେ ପ୍ରବଳ ହେବାର ମୂଳ କାରଣକୁ ବୁଝିବାକୁ ହେବ। ଜାମ୍ମୁ ଓ କାଶ୍ମୀରରୁ ଧାରା ୩୭୦ ଉଚ୍ଛେଦ ହେବା ପରେ ସେହି ରାଜ୍ୟକୁ ଦୁଇଟି କେନ୍ଦ୍ର ଶାସିତ ଅଞ୍ଚଳରେ ବିଭାଜିତ କରାଯାଇଥିଲା। ତେବେ ଜାମ୍ମୁ ଓ କାଶ୍ମୀର ଲାଗି ବିଧାନସଭାର ପ୍ରାବଧାନ ଥିଲା ବେଳେ ଲଦାଖ କେନ୍ଦ୍ର ଶାସିତ ଅଞ୍ଚଳ ଲାଗି ବିଧାନସଭାର ପ୍ରାବଧାନ କରାଗଲା ନାହିଁ। ଅର୍ଥାତ୍, ଲଦାଖ ଲାଗି କେନ୍ଦ୍ର ସରକାରଙ୍କ ଦ୍ୱାରା ଆଇନ ପ୍ରଣୀତ ହେଉଛି, ଯେଉଁଥିରେ ସ୍ଥାନୀୟ ଅଧିବାସୀଙ୍କର କୌଣସି ଭୂମିକା ରହୁନାହିଁ। ଲଦାଖରେ ଜମିର ବ୍ୟବହାର ସମ୍ପର୍କରେ ନିର୍ଣ୍ଣୟରେ ଲଦାଖୀମାନେ ଅଂଶଗ୍ରହଣ କରିପାରୁନାହାନ୍ତି। ସୀମାବର୍ତ୍ତୀ ଅଞ୍ଚଳରେ ଥିବା ବିସ୍ତୀର୍ଣ୍ଣ ଚାରଣ ଭୂମିଗୁଡ଼ିକ ଏବେ ଚୀନ କବଜାକୁ ଚାଲିଯାଇଥିବାରୁ ସେଠାକାର ମେଷ ପାଳକମାନେ ସେ ସବୁ ସ୍ଥାନକୁ ଯାଇପାରୁ ନଥିବାର ଅଭିଯୋଗ କରିଆସୁଥିବା ବେଳେ ତାଙ୍କ କଥା କେହି ଶୁଣୁନାହାନ୍ତି। ଅନ୍ୟ ପକ୍ଷରେ ଲଦାଖର ଭିତର ଅଞ୍ଚଳରେ ଥିବା ଚାରଣ ଭୂମିଗୁଡ଼ିକୁ ବଡ ବଡ଼ ଶିଳ୍ପପତିମାନଙ୍କୁ ନିର୍ବିଚାର ଭାବେ ପ୍ରଦାନ କରାଯାଉଥିବାରୁ ମେଷ ପାଳକମାନେ ସେମାନଙ୍କ ଜୀବିକା ହରାଇବାକୁ ଏକ ପ୍ରକାର ବାଧ୍ୟ ହେଉଛନ୍ତି।

ଏଥିରୁ ସୃଷ୍ଟି ହେଉଛି ବଡ଼ ଧରଣର ଅବିଶ୍ୱାସ ଓ ଆଶଙ୍କା ଯେ ଏଣିକି ବଡ଼ ବଡ଼ ମାଇନିଂ, ଶକ୍ତି, ଶିଳ୍ପ ପ୍ରକଳ୍ପ କରିବା ପାଇଁ ଲଦାଖକୁ ବାହାର ଲୋକଙ୍କ ଆଗମନ ବଢ଼ିଯିବ। ସେଗୁଡ଼ିକୁ ବିରୋଧ କରିବା ତ ଦୂରର କଥା ସେହି ସବୁ ପ୍ରକଳ୍ପ ଲଦାଖର ସ୍ୱାର୍ଥରେ ହେଉ ନଥିଲେ ବି ସେଗୁଡ଼ିକୁ ସୀମିତ କରିବା ବା ସେଗୁଡ଼ିକ ଉପରେ ଅଙ୍କୁଶ ଲଗାଇବାରେ ସ୍ଥାନୀୟ ଲୋକେ ଅସମର୍ଥ ହେଉଛନ୍ତି। ଶିଳ୍ପଗୁଡ଼ିକର ଜଳ ଆବଶ୍ୟକତାକୁ ପୂରଣ କରିବା ଲାଗି ଜନତାଙ୍କ ଆବଶ୍ୟକତାକୁ ଅଣଦେଖା କରାଯିବ। ଶିଳ୍ପଜନିତ ପ୍ରଦୂଷଣ ଯୋଗୁଁ ହିମ ପ୍ରବାହଗୁଡ଼ିକ ଦ୍ରୁତ ତରଳି ଓ ଅଚିରେ ନିଶ୍ଚିହ୍ନ ହେବାର ଆଶଙ୍କା ସୃଷ୍ଟି ହେବ। ଆଞ୍ଚଳିକ ସ୍ୱାର୍ଥର ସୁରକ୍ଷା ପ୍ରତି ଗୁରୁତ୍ୱ ନଦେଇ ଲଦାଖକୁ ସମସ୍ତଙ୍କ ଲାଗି ଖୋଲି ଦିଆଗଲେ ପାହାଡ଼ ଓ ଉପତ୍ୟକାଗୁଡ଼ିକରେ ବଡ଼ ବଡ଼ ହୋଟେଲମାନ ଗଢ଼ିଉଠିବ, ଯାହା ଜଳକ୍ଲିଷ୍ଟ ଲଦାଖର ଜଳାଭାବ ସମସ୍ୟାକୁ ବହୁଗୁଣିତ କରିବ। ଅଧିକ ସଂଖ୍ୟାରେ ବଡ଼ ବଡ ରାସ୍ତା ନିର୍ମାଣ ହେବା ଦ୍ୱାରା ଡିଜେଲ ଯାନବାହାନଗୁଡ଼ିକର ଚଳାଚଳ ଅନିୟନ୍ତ୍ରିତ ଭାବେ ବୃଦ୍ଧି ପାଇବ। ଫଳରେ ଅଙ୍ଗାରକାମ୍ଳ ନିର୍ଗମନ ବୃଦ୍ଧି ପାଇବ। ଉଲ୍ଲେଖଯୋଗ୍ୟ ଯେ ଗାଡ଼ିର ଧୂଆଁ ସହ ବାହାରୁଥିବା କଳା ଝୁଲଗୁଡ଼ିକ ଉଡ଼ି ବରଫ ଉପରେ ପଡ଼ିଥାଏ। ଏହି ଝୁଲଗୁଡ଼ିକ ସୌର ଶକ୍ତିକୁ ଧରି ରଖୁଥିବାରୁ ବରଫ ଶୀଘ୍ର ଗରମ ହୋଇ ତରଳିଥାଏ, ଯାହା ହିମପ୍ରବାହ ତରଳିବା ପ୍ରକ୍ରିୟାକୁ ଦ୍ରୁତତର କରିଥାଏ।

ଏହା କେବଳ ଆଶଙ୍କା ନୁହେଁ, ବରଂ ଗତ କିଛି ବର୍ଷ ଧରି ଲଦାଖରେ ପର୍ଯ୍ୟଟକଙ୍କ ସଂଖ୍ୟା ବଢ଼ିବା ପରେ ରାସ୍ତା ପାର୍ଶ୍ୱରେ ଥିବା ତୁଷାରାବୃତ ଅଞ୍ଚଳଗୁଡ଼ିକ କ୍ରମଶଃ ଅପସାରିତ ହୋଇ ଶହ ଶହ ମିଟର ଭିତରକୁ ଘୁଞ୍ଚିଯାଇଥିବାର ଅନେକ ଉଦାହରଣ ସେମାନଙ୍କ ଆଖି ଆଗରେ ରହିଛି। କେବଳ ସେତିକି ନୁହେଁ, ଲଦାଖର ପ୍ରାକୃତିକ ସମ୍ପଦର ପ୍ରକୃତ ଅର୍ଥରେ ସୁରକ୍ଷା ନହେଲେ ସେମାନଙ୍କ ହଜାର ହଜାର ବର୍ଷର ସଂସ୍କୃତି ଓ ଜୀବନ ଧାରଣ ଶୈଳୀ ମଧ୍ୟ ଲୋପ ପାଇବାର ଆଶଙ୍କା ବୃଦ୍ଧି ପାଇବ। ସେମାନଙ୍କ ପାଇଁ ଗ୍ରହଣ କରାଯାଉଥିବା ବିଭିନ୍ନ ନିର୍ଣ୍ଣୟ ପ୍ରକ୍ରିୟାରେ ସେମାନଙ୍କ ଜନ ପ୍ରତିନିଧିମାନେ ଅଂଶଗ୍ରହଣ ନ କଲା ପର୍ଯ୍ୟନ୍ତ ସେଠାକାର ଆଞ୍ଚଳିକ ସ୍ୱାର୍ଥକୁ ସୁରକ୍ଷିତ ରଖିବା ସମ୍ଭବ ନୁହେଁ ବୋଲି ସେମାନଙ୍କ ବିଶ୍ୱାସ। ତେଣୁ ଲଦାଖକୁ ଷଷ୍ଠ ଅନୁସୂଚୀ ଅନ୍ତର୍ଭୁକ୍ତ କରିବା ଲାଗି ଲଦାଖ ଅଧିବାସୀଙ୍କର ଦାବି ଯେ ଆଦୌ ଅଯୌକ୍ତିକ ନୁହେଁ, ତାହା ହୃଦୟଙ୍ଗମ କରିହେଉଛି।

ମାଗାସେସେ ପୁରସ୍କାର ବିଜେତା ଇଞ୍ଜିନିଅର, ଶିକ୍ଷାବିଦ୍ ଓ ପରିବେଶବିଦ୍ ସୋନମ୍ ୱାଙ୍ଗଚୁକ ଲଦାଖର 'ସେକମଲ' (ଷ୍ଟୁଡେଣ୍ଟସ ଏଜୁକେସନାଲ ଆଣ୍ଡ କଲଚରାଲ ମୁଭମେଣ୍ଟ ଅଫ ଲଦାଖ) ନାମକ ସଂସ୍ଥା ମାଧ୍ୟମରେ ସେଠାରେ ଶିକ୍ଷା କ୍ଷେତ୍ରରେ ଅନେକ ସଂସ୍କାରମୂଳକ କାର୍ଯ୍ୟ କରିଛନ୍ତି। ସଫଳ ହିନ୍ଦୀ ଚଳଚ୍ଚିତ୍ର 'ଥ୍ରି ଇଡିଅଟସ୍'ରେ ଆମିର ଖାଁଙ୍କ ଚରିତ୍ର ୱାଙ୍ଗଚୁକଙ୍କ ଜୀବନୀରୁ ଅନୁପ୍ରାଣିତ। ସେଠାକାର ଜଳ ସମସ୍ୟାକୁ ଦୃଷ୍ଟିରେ ରଖି ସେ ଏକ ନୂତନ ଧରଣର ବରଫ ସ୍ତୁପ ନିର୍ମାଣ କରିଥିଲେ। ଏତଦଭିନ୍ନ ସେ ତାଙ୍କ ସହଯୋଗୀମାନଙ୍କ ସହ ମିଶି ଲଦାଖର ପରିବେଶ ଅନକୂଳ ଏକାଧିକ ନବସୃଜନ ପ୍ରସ୍ତୁତ କରିବାକୁ ସମର୍ଥ ହୋଇଥିଲେ। ଏ ସମସ୍ତ ଗଠନମୂଳକ କାମ କରିବା ଭିତରେ ତାଙ୍କର ହୃଦୟଙ୍ଗମ ହେଲା ଯେ ଲଦାଖର ଭଙ୍ଗୁର ପରିମଣ୍ଡଳର ସୁରକ୍ଷା କରିବାକୁ ହେଲେ ଲଦାଖ ସମ୍ପର୍କିତ ନୀତି ଓ ଆଇନ ପ୍ରଣୟନ ପ୍ରକ୍ରିୟାରେ ସ୍ଥାନୀୟ ଅଧିବାସୀଙ୍କ ଅଂଶଗ୍ରହଣ ଜରୁରୀ। ହେଲେ ପ୍ରଚଳିତ ବ୍ୟବସ୍ଥାରେ ଲଦାଖ ଏକ କେନ୍ଦ୍ର ଶାସିତ ଅଞ୍ଚଳ ହୋଇଥିବାରୁ ଲଦାଖ ପାଇଁ ଆଇନ ପ୍ରଣୟନ ଓ ନୀତି ନିର୍ଦ୍ଧାରଣ ସମ୍ପୂର୍ଣ୍ଣ ଭାବେ ବାହାର ଲୋକ ଓ ବାବୁମାନଙ୍କ ଦ୍ୱାରା ହୋଇଥାଏ। ଏହାର ତୁରନ୍ତ ପରିବର୍ତ୍ତନ ହେବା ଆବଶ୍ୟକ। ତେଣୁ ଲଦାଖକୁ ସ୍ୱତନ୍ତ୍ର ରାଜ୍ୟ କରିବା ସହ ଏହାକୁ ଷଷ୍ଠ ଅନୁସୂଚୀରେ ଅନ୍ତର୍ଭୁକ୍ତ କରିବାର ବୈଧାନିକ ଆବଶ୍ୟକତାକୁ ଅନୁଭବ କରି କେନ୍ଦ୍ର ସରକାରଙ୍କ ଉପରେ ଚାପ ପକାଇବା ଜଳବାୟୁ ଅନଶନର ଅନ୍ୟତମ ଉଦ୍ଦେଶ୍ୟ।

ଉଲ୍ଲେଖଯୋଗ୍ୟ ଯେ ଲଦାଖ ଅଞ୍ଚଳରେ କେନ୍ଦ୍ର ସରକାର, ବିଶେଷ କରି ବିଜେପି ବିରୋଧରେ ଜନ ଅସନ୍ତୋଷ ପ୍ରବଳ ହେବାର ଏକ ବଡ଼ କାରଣ ହେଉଛି ସମ୍ବିଧାନର ଧାରା ୩୭୦ ଉଚ୍ଛେଦ ହେବା ପୂର୍ବରୁ ୨୦୧୯ରେ ହୋଇଥିବା ଲୋକସଭା ନିର୍ବାଚନରେ ବିଜେପି ତରଫରୁ ଲଦାଖକୁ ସମ୍ବିଧାନର ଷଷ୍ଠ ଅନୁସୂଚୀ ଅନ୍ତର୍ଭୁକ୍ତ କରାଯିବାର ପ୍ରତିଶ୍ରୁତି ଦିଆଯାଇଥିଲା ଓ ଦଳ ସେଠାରେ ବିଜୟ ଲାଭ କରିଥିଲା। ତେବେ ନିର୍ବାଚନ ପରେ ଦଳ ଏ ସମ୍ପର୍କରେ ଉଦାସୀନ ରହି କୌଣସି ପଦକ୍ଷେପ ଗ୍ରହଣ ନ କରି ପ୍ରତିଶ୍ରୁତି ଭଙ୍ଗ କରିଥିବା ଅଭିଯୋଗରେ ଲଦାଖରେ ଦଳ ବିରୋଧରେ ପ୍ରବଳ ରୋଷ ଦେଖାଦେଇଛି। ସେଠାରେ ଆଗାମୀ ନିର୍ବାଚନରେ ବିଜେପି ପାଇଁ ସ୍ଥିତି ଏପରି ପ୍ରତିକୂଳ ହେବାକୁ ଲାଗିଲା ଯେ ୨୦୧୯ରେ ଲଦାଖ ଲୋକସଭା ଆସନରୁ ନିର୍ବାଚିତ ବିଜେପି ସାଂସଦ ଜାମୟାଙ୍ଗ ସେରିଙ୍ଗ ନାମଗ୍ୟାଲଙ୍କୁ ଏଥର ଦଳ ଟିକେଟ ଦେବାକୁ ଉଚିତ ମଣିଲା ନାହିଁ। ତାଙ୍କ ସ୍ଥାନରେ ଦଳ ଲଦାଖ ଅଟୋନମସ ହିଲ ଡେଭେଲପମେଣ୍ଟ କାଉନସିଲର ଅଧକ୍ଷ ଥିବା ତାସି ଗ୍ୟାଲସନଙ୍କୁ ଟିକେଟ ପ୍ରଦାନ କରିଛି। ଉଲ୍ଲେଖଯୋଗ୍ୟ ଯେ ସମ୍ବିଧାନର ଧାରା ୩୭୦ ଉଚ୍ଛେଦ ହେବା ଠିକ୍ ପରେ ପରେ ନବ ନିର୍ବାଚିତ ନାମଗ୍ୟାଲ ଲୋକସଭାରେ ତା ସପକ୍ଷରେ ସେତେବେଳେ ଦେଇଥିବା ଭାଷଣଟି ଖୁବ୍ ଭାଇରାଲ ହୋଇଥିଲା ଓ ସେ ହଠାତ୍ ସେଲିବ୍ରିଟି ପାଲଟି ଯାଇଥିଲେ। ଲଦାଖରେ ବୌଦ୍ଧ ଧର୍ମାବଲମ୍ବୀଙ୍କ ମଧ୍ୟରେ ବିଜେପି ବିରୋଧରେ ଦାନା ବାନ୍ଧିଥିବା ରୋଷକୁ ଅନ୍ତତଃ କିଛିଟା ପ୍ରଶମିତ କରିବା ଲାଗି ଶେଷ ମୁହୂର୍ତ୍ତରେ ପ୍ରାର୍ଥୀ ପରିବର୍ତ୍ତନ କରିବାକୁ ପଡ଼ିଲା ବୋଲି କୁହାଯାଉଛି।

**ଭୁବନେଶ୍ୱର**

# ରାଜ୍ୟ ବାହାର ଭୋଟରଙ୍କ ଉପରେ ନଜର



**ଗୋପାଳପୁର (ଭିଓଭି):** ଆସନ୍ତା ମାସ ୧୩ ତାରିଖରେ ହେବ ଗୋପାଳପୁର ନିର୍ବାଚନମଣ୍ଡଳୀର ଭୋଟଗ୍ରହଣ। ଏଥିପାଇଁ ଧିରେ ଧିରେ ଏଠାରେ ରାଜନୈତିକ ବାତାବରଣ ସରଗରମ ହେବାରେ ଲାଗିଛି। ସବୁ ଦଳ ଏବେ ନିଜ ପାଇଁ ଭୋଟ ଯୋଗାଡ଼ କରିବାରେ ନିଜ ନିଜର ରଣନୀତି ପ୍ରସ୍ତୁତ କରୁଛନ୍ତି। ବିଶେଷକରି ଏଠାରୁ ଦାଦନ ଖଟିବାକୁ ଯାଇଥିବା ଯୁବ ପିଢି ଏବଂ ଅନ୍ୟତ୍ର ଚାକିରି କରିବାକୁ ପରିବାର ସହ ପଳାଇଯାଇଥିବା ଭୋଟରମାନଙ୍କୁ ମତଦାନ ଦିନ କିଭଳି ଗାଁ’କୁ ଅଣାଯିବ ତାହା ଉପରେ ସବୁ ରାଜନୈତିକ ଦଳ ପକ୍ଷରୁ କସରତ ଆରମ୍ଭ ହୋଇଯାଇଛି।

ସାରା ରାଜ୍ୟରେ ଚଳିତ ଥର ଗୋପାଳପୁର ନିର୍ବାଚନମଣ୍ଡଳୀ ଉପରେ ସମସ୍ତଙ୍କ ନଜର ରହିଛି। ଚଳିତ ନିର୍ବାଚନରେ ଗୋପାଳପୁରରେ ଦୁଇ ହେବିଓ୍ୱେଟଙ୍କ ମଧ୍ୟରେ ଲଢ଼େଇ ହେଉଥିବାରୁ ନିର୍ବାଚନୀ ବାତାବରଣ ଉଷ୍ମ ହୋଇଉଠିଛି। ଚଳିତ ନିର୍ବାଚନରେ ଗୋପାଳପୁର ଆସନ ପାଇଁ ମୋଟ ୧୧ ଜଣ ପ୍ରାର୍ଥୀ ନିଜର ନାମାଙ୍କନପତ୍ର ଦାଖଲ କରିଛନ୍ତି। ଏମାନଙ୍କ ମଧ୍ୟରେ ବିଜେଡି ପକ୍ଷରୁ ବ୍ରହ୍ମପୁର ବିଧାୟକ ବିକ୍ରମ କୁମାର ପଣ୍ଡା, ବିଜେପି ପକ୍ଷରୁ ବିଭୂତି ଭୂଷଣ ଜେନା, ଜାତୀୟ କଂଗ୍ରେସ ପକ୍ଷରୁ ଶ୍ୟାମସୁନ୍ଦର ସାହୁ, ଆମ ଆଦମୀ ପାର୍ଟି ପକ୍ଷରୁ ପି ନୀଳକଣ୍ଠ ରେଡ୍ଡୀ, ବହୁଜନ ସମାଜ ପାର୍ଟି ପକ୍ଷରୁ ସନ୍ତୋଷ କୁମାର ଦାସ, ଅଲ୍ ଇଣ୍ଡିଆ ଫରଓ୍ୱାର୍ଡ ବ୍ଲକ ପକ୍ଷରୁ ଏସ କୁମାରୀ ମମତା, ଭାରତୀୟ ବିକାଶ ପରିଷଦ ପକ୍ଷରୁ କେ. ତୁଳାସାୟା ରେଡ୍ଡୀ, ଏସୟୁସିଆଇ (କମ୍ୟୁନିଷ୍ଟ) ପକ୍ଷରୁ ଶୁଭସ୍ମିତା ପାଣିଗ୍ରାହୀ ଏବଂ ସ୍ୱାଧୀନ ଭାବେ ଉମାଚରଣ ନାୟକ, ଟି.ପଦ୍ମାବତୀ ଓ ମନୋରଞ୍ଜନ ସାହୁ ନିଜ ନିଜର ନାମାଙ୍କନପତ୍ର ଦାଖଲ କରିଛନ୍ତି। ପ୍ରାର୍ଥିପତ୍ର ଦାଖଲ କରିଥିବା ପ୍ରାର୍ଥୀଙ୍କ ମଧ୍ୟରୁ କୁମାରୀ ମମତା ଓ ଟି ପଦ୍ମାବତୀ ଗୋପାଳପୁର ଏନ୍ ?ଏସିର।

ତେବେ ଗୋପାଳପୁର ନିର୍ବାଚନମଣ୍ଡଳୀରେ ସଂଖ୍ୟାଧିକ ଯୁବ ମତଦାତା, ମତ୍ସ୍ୟଜୀବୀ ଓ ଅନ୍ୟତ୍ର ଚାକିରି କରୁଥିବା ଭୋଟର ନିର୍ବାଚନରେ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିବା ଅନୁମାନ କରାଯାଉଛି। ତେଣୁ ଜିଲା ତଥା ରାଜ୍ୟ ବାହାରେ ରହୁଥିବା ଭୋଟରମାନଙ୍କୁ ଭୋଟ ସମୟରେ ଗାଁକୁ ଫେରାଇ ଆଣିବାକୁ ରାଜନୈତିକ ଦଳ ପକ୍ଷରୁ କସରତ ଆରମ୍ଭ ହୋଇଯାଇଛି। ବିଶେଷ କରି ଗୋପାଳପୁର ନିର୍ବାଚନମଣ୍ଡଳୀରେ ସହସ୍ରାଧିକ ମତ୍ସ୍ୟଜୀବୀ ରହୁଛନ୍ତି।

ଏବେ କାମଧନ୍ଦା ଅଭାବରୁ ଶହଶହ ମତ୍ସ୍ୟଜୀବୀ ଏବେ ଚେନ୍ନଇ, ଗୋଆ ସମେତ ଗୁଜୁରାଟ ଅଞ୍ଚଳକୁ ଯାଇ ମାଛଧରା କାମରେ ନିୟୋଜିତ ଅଛନ୍ତି। ଅଞ୍ଚଳର ବହୁ ମତ୍ସ୍ୟଜୀବୀ ଦାଦନ ଖଟିବାକୁ ରାଜ୍ୟ ବାହାରକୁ ଚାଲି ଯାଇଛନ୍ତି। ଶିଳ୍ପର ଅଭାବ ଯୋଗୁଁ ଗତ ୩ ବର୍ଷ ହେଲା ଅନେକ ଶିକ୍ଷିତ ବେକାର ଯୁବକ ଯୁବତୀ ପଡୋଶୀ ଆନ୍ଧ୍ରପ୍ରଦେଶ ସମେତ ବିଭିନ୍ନ ରାଜ୍ୟରେ ଚାକିରି କରିବାକୁ ଚାଲି ଯାଇଛନ୍ତି। ସେହିପରି ଅଞ୍ଚଳର ବହୁ ପରିବାର ସାମରିକ ବିଭାଗ ସହ ବିଭିନ୍ନ ସରକାରୀ ଓ ବେସରକାରୀସ୍ତରରେ କାମ କରିବାକୁ ପଡୋଶୀ ରାଜ୍ୟମାନଙ୍କରେ ରହୁଛନ୍ତି। ଏଣୁ ଏହି ସବୁ ମତଦାତାଙ୍କୁ ଗାଁ’କୁ ଫେରି ଆସିବାକୁ ଗାଁ ସ୍ତରରେ ରହିଥିବା ନେତାମାନେ ଫୋନ କରି ନିବେଦନ କରୁଥିବା ଦେଖିବାକୁ ମିଳିଛି। ତେଣୁ କେତେ ସଂଖ୍ୟକ କେବଳ ଭୋଟ ଦେବା ପାଇଁ ମତ୍ସ୍ୟଜୀବୀ ଓ ଯୁବ ଭୋଟର ଗାଁ ମୁହାଁ ହେବେ ତାହା ଅସ୍ପଷ୍ଟ ରହିଛି। ଏଠାରେ ବିଜେଡି-ବିଜେପି ମଧ୍ୟରେ କଡ଼ା ମୁକାବିଲା ହେଉଥିବାବେଳେ ରାଜ୍ୟ ବାହାରେ ରହୁଥିବା ତଥା ନିୟମିତ ଭୋଟ ଦେଉନଥିବା ଭୋଟରମାନେ ଏଥର ନିର୍ବାଚନରେ ନିର୍ଣ୍ଣାୟକ ଭୂମିକା ନେବେ ବୋଲି ଅନୁମାନ କରାଯାଉଛି। ତେଣୁ ଏହି ସବୁ ଭୋଟ୍ କିଭଳି ହାତେଇବେ ତାହା ଉପରେ ରାଜନୈତିକ ଦଳ ପକ୍ଷରୁ ଯୋଜନା ଚାଲିଛି।

ଅନ୍ୟପଟେ ଦୀର୍ଘ ବର୍ଷ ପରେ ମଧ୍ୟ ଶ୍ରମ ବିଭାଗ ପକ୍ଷରୁ ଜିଲାରୁ କେତେ ଜଣ ଦାଦନ କେଉଁ ରାଜ୍ୟକୁ ଯାଇଛନ୍ତି ତାହାର ସଠିକ ତଥ୍ୟ ଆକଳନ କରା ଯାଇ ନପାରିବାରୁ ସେମାନଙ୍କ ସଂଖ୍ୟା ମଧ୍ୟ ଜଣାପଡୁ ନାହିଁ। ତେବେ ନିର୍ବାଚନ ପୂର୍ବରୁ ବାହାରେ ରହୁଥିବା ସଂଖ୍ୟାଧିକ ମତଦାତା ନିଶ୍ଚିତ ଭାବେ ନିଜ ନିର୍ବାଚନମଣ୍ଡଳୀକୁ ଫେରିବା ସମ୍ଭାବନା ରହିଛି।

# ଓଡ଼ିଶାରେ କଂଗ୍ରେସ କ୍ଷମତାକୁ ଆସିଲେ ଲୋକଙ୍କ ଖାତାକୁ ଟଙ୍କା ଦିଆଯିବ: ରାହୁଲ



**ଭୁବନେଶ୍ୱର (ଭିଓଭି):** ଓଡ଼ିଶା ଗସ୍ତରେ ଆସି ରାହୁଲ ଗାନ୍ଧୀ ଭୁବନେଶ୍ୱର ବିମାନବନ୍ଦରରେ ପହଞ୍ଚିଥିଲେ। ସେଠାରେ ପିସିସି ସଭାପତି ଶରତ ପଟ୍ଟନାୟକ ଏବଂ ପ୍ରଭାରୀ ଡ. ଅଜୟ କୁମାରଙ୍କ ସହିତ ବହୁ କଂଗ୍ରେସ କର୍ମୀ ତାଙ୍କୁ ସ୍ୱାଗତ କରିଥିଲେ। ଭୁବନେଶ୍ୱରରୁ ସିଧାସଳଖ ହେଲିକପ୍ଟର ଯୋଗେ ସତ୍ୟଭାମାପୁର ଯାଇଥିଲେ। ରାହୁଲ ଗାନ୍ଧୀ ସତ୍ୟଭାମାପୁରରେ ଥିବା ମଧୁବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ମାଲ୍ୟାର୍ପଣ ପରେ ମଧୁବାବୁଙ୍କ ଜନ୍ମପୀଠ ବୁଲି ଦେଖିଥିଲେ।

ରାହୁଲ ଗାନ୍ଧୀ ସେଠାରୁ ଯାଇ ସାଲେପୁର ନ୍ୟାୟ ସମାବେଶରେ ସାମିଲ ହୋଇଥିଲେ। କଂଗ୍ରେସର ସାଲେପୁର ନ୍ୟାୟ ସମାବେଶରେ ଉଦବୋଧନ ଦେଇ ରାହୁଲ ଗାନ୍ଧୀ ଆରମ୍ଭରୁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ ଟାର୍ଗେଟ କରିଥିଲେ। ରାହୁଲ ଗାନ୍ଧୀ କହିଥିଲେ ଯେ ନବୀନ ପଟ୍ଟନାୟକ ଏଠାରେ କିଛି ନିର୍ଦ୍ଧିଷ୍ଟ ଲୋକଙ୍କୁ ନେଇ ସରକାର ଚଳାଉଛନ୍ତି। ଅଳ୍ପ କିଛି ଲୋକ ହିଁ ସବୁ ଫାଇଦା ଉଠାଉଛନ୍ତି। ଏଠାରେ ବିଜେପି-ବିଜେଡିର ବାହାଘର ହୋଇଯାଇଛି। କଂଗ୍ରେସ ତେଲେଙ୍ଗାନାରେ ବିଜେପି-ବିଆରଏସ ମେଣ୍ଟ ପଦାକୁ ଆଣିଥିଲା। ନିର୍ବାଚନ ହେଲା, ସେଠାରେ ବିଆରଏସ ପୂରା ଉଡ଼ିଗଲା। ଏଠାରେ ବିଜେପି-ବିଜେଡିର ବାହାଘର ହୋଇଯାଇଛି। ଏଠାରେ ଦୁଇ ଜଣ ଏକାଠି ରହି ଓଡ଼ିଶାବାସୀଙ୍କୁ ପାନ ଦେଇଛନ୍ତି। ଅଙ୍କଲ ଓ ନବୀନ ବାବୁ ମିଶି ଓଡ଼ିଶା ଲୋକଙ୍କୁ ପାନ ଧରାଇଦେଲେ। ପାନ ଅର୍ଥ ଓଡ଼ିଶାକୁ ପାଣ୍ଡିଆନ ହିଁ ଚଳାଉଛନ୍ତି। ଚାରା ରୋପଣ ନାଁରେ ଏଠାରେ ୧୫ ହଜାର କୋଟି ଲୁଟିଛନ୍ତି। ଖଣିରୁ ପ୍ରଚୁର ଲୁଟିଛନ୍ତି। କଂଗ୍ରେସ ଆସିଲେ ଏ ଟଙ୍କା ଫେରସ୍ତ ହେବ।

ଓଡ଼ିଶାରେ କଂଗ୍ରେସ କ୍ଷମତାକୁ ଆସିଲେ ଲୋକଙ୍କ ଖାତାକୁ ଟଙ୍କା ଦିଆଯିବ। ୨୦୦ ୟୁନିଟ ମାଗଣା ବିଜୁଳି, ଗ୍ୟାସ ୫୦୦ ଟଙ୍କାରେ ଦିଆଯିବ। ଧାନ କ୍ୱିଣ୍ଟାଲ ୩ ହଜାର ଟଙ୍କା କରିବୁ। ମହିଳାଙ୍କୁ ୨ ହଜାର, ଯୁବକଙ୍କୁ ୩ ହଜାର, ଚାଷୀଙ୍କୁ ୩ ହଜାର ମିଳିବ। ୨୨ ଜଣଙ୍କୁ ୧୬ଲକ୍ଷ ଟଙ୍କା ଦେଇଛନ୍ତି ମୋଦୀ। ଦେଶର ସବୁ ଗରିବ ପରିବାରର ଜଣେ ଜଣେ ମହିଳାଙ୍କୁ ବଛାଯିବ। ଉକ୍ତ ମହିଳାଙ୍କ ବ୍ୟାଙ୍କ ଖାତାକୁ ୧ ଲକ୍ଷ ଟଙ୍କା ପ୍ରଦାନ କରାଯିବ। ପ୍ରତିମାସରେ ୮ହଜାର ୫ଶହ ଟଙ୍କା ମହିଳାଙ୍କ ଖାତାକୁ ଯିବ। ‘ପେହଲି ନୌକରୀ ପକ୍କି’ ଯୋଜନା ଆଣିବ କଂଗ୍ରେସ।

ସମସ୍ତ ବେକାର ଯୁବକ ଯୁବତୀଙ୍କୁ ଚାକିରି ଗ୍ୟାରେଣ୍ଟି ଦେଉଛୁ। ସରକାରଙ୍କୁ କେହି ଚାକିରି ମାଗିଲେ ନିଶ୍ଚିତ ଚାକିରି ମିଳିବ। ଚାକିରି ମାଗିବା କ୍ଷଣି ବର୍ଷକ ପାଇଁ ଆପ୍ରେଣ୍ଟିସ ଦିଆଯିବ। ଆମ ଦେଶର କୋଟି କୋଟି ଲୋକଙ୍କୁ ଲକ୍ଷପତି ବନାଇବୁ। ଦେଶର କୋଟି କୋଟି ଲୋକଙ୍କ ଖାତାକୁ ଲକ୍ଷେ ଟଙ୍କା ଦେବୁ। ବହୁତ ହୋଇଗଲା, ବହୁତ ପାନ ଖାଇ ପେଟ ଖରାପ ହେଲାଣି। କମିଶନ ବସାଇବୁ, ଚାଷୀଙ୍କ ଋଣ ଛାଡ଼ କରିବୁ। ଆଶା ଓ ଅଙ୍ଗନଓ୍ୱାଡ଼ି ଦିଦିଙ୍କ ପାରିଶ୍ରମିକ ଦୁଇଗୁଣା କରିବୁ। ମନରେଗା ମଜୁରୀ ୪ ଶହ ଟଙ୍କା କରିବୁ। ଆଦିବାସୀଙ୍କୁ ଜଙ୍ଗଲ, ଜଳ, ଜମି ହସ୍ତାନ୍ତର କରାଯିବ ବୋଲି ରାହୁଲ ଗାନ୍ଧୀ ପ୍ରକାଶ କରିଛନ୍ତି।

## ‘ଓଡ଼ିଶାରେ ପ୍ରଥମ ଥର ବିଜେପି ସରକାର ହେବା ଦରକାର’



**ଭୁବନେଶ୍ୱର (ଭିଓଭି):** ସୋନପୁରରେ ବିଜେପିର ବିଜୟ ସଂକଳ୍ପ ସମାରୋହରେ ଗୃହ ମନ୍ତ୍ରୀ ଅମିତ ଶାହ ଯୋଗଦେଇ ଓଡ଼ିଶାରେ ନିର୍ବାଚନ ପ୍ରଚାର ଆରମ୍ଭ କରିଛନ୍ତି। ଜୟ ଜଗନ୍ନାଥ ଓ ଜୟ ଶ୍ରୀରାମ କହି ଭାଷଣ ଆରମ୍ଭ କରିଥିଲେ। ଓଡ଼ିଶାରେ ୨୦ଟି ଲୋକସଭା ଆସନ ଜିତିବା କି ନାହିଁ ଏବଂ ଓଡ଼ିଶାରେ ପ୍ରଥମ ଥର ବିଜେପି ସରକାର ବନେଇବା କି ନାହିଁ ବୋଲି ସାଧାରଣ ସଭାରେ କର୍ମୀମାନଙ୍କୁ ପ୍ରଶ୍ନ କରିଥିଲେ। ଓଡ଼ିଶାର ସମୃଦ୍ଧି ଓ ବିକାଶ ପାଇଁ ଓଡ଼ିଶାରେ ପ୍ରଥମ ଥର ବିଜେପି ସରକାର ହେବା ଦରକାର। ଓଡ଼ିଶାରେ ବିଜେପି ସରକାର ବନାଇବା ଏବଂ କେନ୍ଦ୍ରରେ ନରେନ୍ଦ୍ର ମୋଦୀଙ୍କୁ ତୃତୀୟ ଥର ପାଇଁ ପ୍ରଧାନମନ୍ତ୍ରୀ କରିବାକୁ ବୋଲି ଗୃହମନ୍ତ୍ରୀ ଅମିତ ଶାହ ଆହ୍ୱାନ ଦେଇଥିଲେ।

ସୋନପୁରରେ ବିଜେପିର ବିଜୟ ସଂକଳ୍ପ ସମାରୋହରେ ଯୋଗଦେଇ ଗୃହମନ୍ତ୍ରୀ ଅମିତ ଶାହ ନିଜ ଅଭିଭାଷଣ ରଖି କହିଥିଲେ ଯେ ଓଡ଼ିଶାକୁ ପ୍ରଥମ ଥର ମୁଁ ନିର୍ବାଚନ ପ୍ରଚାର ପାଇଁ ଆସିଛି। ସାରା ଦେଶରେ ଯୁଆଡେ ଯାଉଛି ସବୁଠି ମୋଦୀ ନାରା। ଆଜି ଓଡ଼ିଶାରେ ବି ପୂରା ମାହୋଲ ମୋଦୀମୟ ରହିଛି। ଓଡ଼ିଶା ଲୋକ ବି ମୋଦୀଙ୍କୁ ତୃତୀୟ ଥର ପ୍ରଧାନମନ୍ତ୍ରୀ କରିବେ ବୋଲି ମୋର ଆଶା ତଥା ବିଶ୍ୱାସ ରହିଛି।

ଓଡ଼ିଶା ସରକାରଙ୍କୁ ଟାର୍ଗେଟ କରି ଅମିତ ଶାହ କହିଥିଲେ ଯେ ଓଡ଼ିଶା ଭାଷା, ସଂସ୍କୃତି ଗୌରବରୁ ବଞ୍ଚିତ ରଖିଛି ଏଠାକାର ସରକାର। ଓଡ଼ିଶାର ଭାଷା, ସଂସ୍କୃତି ଓ ଗୌରବ ପାଇଁ ବିଜେପି ସରକାର ବନିବା ଦରକାର। ଏଠାକାର ସରକାର ଓଡ଼ିଶାକୁ ବିକାଶରୁ ଦୂରରେ ରଖିଛି। ଅଫିସରମାନଙ୍କ ମାଧ୍ୟମରେ ଭୟଙ୍କର ଭ୍ରଷ୍ଟାଚାର କରିଛି ଏଠାକାର ସରକାର। ସବୁଠାରୁ ଅଧିକ ପ୍ରାକୃତିକ ସମ୍ପଦ ଓଡ଼ିଶାରେ ରହିଛି। ସବୁ ଥାଇ ଓଡ଼ିଶା ସମୃଦ୍ଧି ଠାରୁ ଦୂରରେ ରହିଛି। ଓଡ଼ିଶାର ଲୋକ ପରିବାର ପ୍ରତିପୋଷଣ ପାଇଁ ବାହାର ରାଜ୍ୟକୁ ଯାଉଛନ୍ତି। ନବୀନ ସରକାରକୁ ଓପାଡ଼ି ଏଠାରେ ବିଜେପି ସରକାର ବନାନ୍ତୁ। ଓଡ଼ିଶାରେ ପ୍ରଥମ ଥର ବିଜେପି ସରକାର ଆସିବା ଦରକାର। ବିଜେପି ସରକାର ଆସିଲେ ଜଣେ କାହାକୁ ବାହାର ରାଜ୍ୟ ଯିବାକୁ ପଡ଼ିବ ନାହିଁ ଏବଂ ଓଡ଼ିଶାର ସମୃଦ୍ଧି ଓ ବିକାଶ ହେବ ବୋଲି ଗୃହମନ୍ତ୍ରୀ ଅମିତ ଶାହ ପ୍ରକାଶ କରିଛନ୍ତି।

### ୩୦ ମାସ ହେଲା ମିଳିନି ବାର୍ଦ୍ଧକ୍ୟ ଭତ୍ତା;

# ଅସହାୟ ଅବସ୍ଥାରେ ୭୪ ବର୍ଷୀୟ ବୃଦ୍ଧ

**ଫୁଲବାଣୀ (ଭିଓଭି):** ପ୍ରଶାସନିକ ଅଧିକାରୀଙ୍କ ଅବହେଳାରୁ ବିଭିନ୍ନ ଗାଁରେ ସରକାରଙ୍କ ଯୋଜନା ଠିକ ଲୋକଙ୍କ ପାଖରେ ପହଞ୍ଚି ପାରୁ ନାହିଁ ବୋଲି ଅଭିଯୋଗ ହୋଇଛି। କେଉଁଠି କାଗଜ ପତ୍ରର ତ୍ରୁଟି ତ କେଉଁଠି ଜାଣି ଶୁଣି ଭୁଲ ତଥ୍ୟ ଦ୍ୱାରା ଲୋକଙ୍କ ପାଖରେ ଯୋଜନା ପହଞ୍ଚି ନପାରି ବହୁ ଅସୁବିଧାର ସମ୍ମୁଖୀନ ହେଉଥିବା ଦେଖିବାକୁ ମିଳୁଛି । ଏମିତି ଏକ ଅଭାବନୀୟ ଦୃଶ୍ୟ ଦେଖିବାକୁ ମିଳିଛି ଫିରିଙ୍ଗିଆ ବ୍ଲକ ବନ୍ଧଗଡ଼ ପଞ୍ଚାୟତର ଜାମପଖାଲ ଗାଁରେ ୭୪ ବର୍ଷୀୟ ବୃଦ୍ଧ ସୁଦାବନ ପ୍ରଧାନଙ୍କ କ୍ଷେତ୍ରରେ ।

ସୁଦାବନ ଗତ ସେପ୍ଟେମ୍ବର ମାସ ୧୫/୯/୨୦୨୧ ତାରିଖରେ ଶେଷ ଥର ଭତ୍ତା ଟଙ୍କା ପାଇଥିଲେ ତାପରେ ଏବେ ପର୍ଯ୍ୟନ୍ତ ଦୀର୍ଘ ୩୦ ମାସ ହେବ ବାର୍ଦ୍ଧକ୍ୟ ଭତ୍ତା ପାଇବାରୁ ବଞ୍ଚିତ ହୋଇଛନ୍ତି । ଭତ୍ତା ମିଳୁନଥିବା ନେଇ ବାରମ୍ବାର ଜଣାଇଥିଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ ବୋଲି କହିଛନ୍ତି ଅସହାୟ ସୁଦାବନ । ବର୍ତମାନ ସୁଦାବନ ନିଜେ ଚାଲି ପାରୁନଥିବା ବେଳେ ବଡ଼ କଷ୍ଟରେ ବାଡ଼ି ଧରି ଅସହାୟ ଅବସ୍ଥାରେ ପଡି ରହିଛନ୍ତି। ପରିବାରରେ ବହୁତ ଅସୁବିଧାରେ ଚଳୁଥିଲେ ମଧ୍ୟ କେହି ତାଙ୍କ କଥା ବୁଝୁ ନଥିବା କହିଛନ୍ତି ସୁଦାବନ।

ସୂଚନା ଅନୁସାରେ ଜଣେ ମୃତ ବ୍ୟକ୍ତିଙ୍କ ନାଁରେ ଦୀର୍ଘ ୩୦ ମାସ ହେବ ଅନ୍ୟ ଜଣକ ବ୍ୟାଙ୍କ ଖାତାକୁ ଭତା ଟଙ୍କା ଯାଉଥିବା ଜଣା ପଡିଛି । ତେବେ ଅଭିଯୋଗ ପରେ ମଧ୍ୟ କିଭଳି ଭାବରେ ଅନ୍ୟ ଜଣେ ଏବଂ ମୃତ



ବ୍ୟକ୍ତିଙ୍କ ବ୍ୟାଙ୍କ ଖାତାକୁ ଟଙ୍କା ଯାଉଛି ତାହା ସନ୍ଦେହ ସୃଷ୍ଟି କରିଛି। ବ୍ୟାଙ୍କ ପାସ ବୁକରୁ ଟଙ୍କା ମଧ୍ୟ ପ୍ରତି ମାସରେ ଉଠାଯାଇଥିବା ଜଣା ପଡିଛି । କିଏ ଏବଂ କେଉଁ ପରିସ୍ଥିତିରେ ଟଙ୍କା ଉଠୁଛି ଏବଂ କିଏ ଟଙ୍କା ଉଠାଉଛି ତାହା ମଧ୍ୟ ତଦନ୍ତ ସାପେକ୍ଷ ବୋଲି ଗ୍ରାମବାସୀ କହିଛନ୍ତି। ବର୍ତମାନ ଅସହାୟ ବୃଦ୍ଧ କିଭଳି ଭାବରେ ୩୦ ମାସର ଭତ୍ତା ଟଙ୍କା ପାଇ ପାରିବେ ତାକୁ ନେଇ ଗ୍ରାମବାସୀ ଅସନ୍ତୋଷ ପ୍ରକଟ କରିଛନ୍ତି। ଏହି ଘଟଣାକୁ ନେଇ ଫିରିଙ୍ଗିଆ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଅନୁପ ଅଭିଷେକ ବେହେରାଙ୍କୁ ପଚାରିବାରୁ ଅଭିଯୋଗ ହୋଇ ନାହିଁ ବର୍ତମାନ ସେ କିଭଳି ଭାବରେ ଭତ୍ତା ଟଙ୍କା ପାଇ ପାରିବେ ସେ ନେଇ ବ୍ୟବସ୍ଥା କରାଯିବ ବୋଲି କହିଛନ୍ତି।

## ୨୦୧୯ର ଲୋମଟାଙ୍କୁରା ଘଟଣା–ଅଭିଯୁକ୍ତକୁ ଫାଶୀ ଦଣ୍ଡାଦେଶ

**ନୟାଗଡ଼ (ଭିଓଭି):** ୨୦୧୯ ମସିହାରେ ନୟାଗଡ଼ ଓଡ଼ଗାଁରେ ଘଟିଥିବା ଦୁଇଟି ହତ୍ୟାକାଣ୍ଡ ମାମଲାରେ ଆଜି ଓଡ଼ଗାଁ ଅତିରିକ୍ତ ଜିଲ୍ଲା ଓ ଦୌରା ଜଜ ଦଣ୍ଡାଦେଶ କରିଛନ୍ତି। ମାମଲାରେ ପୁଲିସର ତଦନ୍ତ ରିପୋର୍ଟ ଓ ୨୭ ଜଣ ସାକ୍ଷୀଙ୍କ ବୟାନକୁ ବିଚାରକୁ ନେଇ ବିଚାରପତି ଅଭିଯୁକ୍ତ ନିରଞ୍ଜନ ମଲିକ ଓରଫ ନଣ୍ଡାକୁ ଫସି ଦଣ୍ଡାଦେଶ କରିଛନ୍ତି। ଏହାଛଡା ଅଭିଯୁକ୍ତକୁ ୫୦ ହଜାର ଟଙ୍କା ଜୋରିମାନା ଆଦେଶ ମଧ୍ୟ ଦେଇଛନ୍ତି।

୨୦୧୯ ମସିହା ଜାନୁଆରି ୧୭ ତାରିଖ ବିଳମ୍ବିତ ରାତିରେ ଓଡ଼ଗାଁ କୃଷକ ବଜାରର ରାତ୍ର ଜଗୁଆଳ ରଙ୍ଗଣୀପାଟଣା ଜାମୁସାହି ଗ୍ରାମର ତ୍ରିଲୋଚନ ସେଠୀ ବସଷ୍ଟାଣ୍ଡ ନିକଟରେ ଥିବା ସମୟରେ ଅଭିଯୁକ୍ତ ସାକେରୀ ପଞ୍ଚାୟତ କୁଶଢିପି ଗ୍ରାମର ନିରଞ୍ଜନ ମଲିକ ଓରଫ ନଣ୍ଡା ଜୀବନରୁ ମାରି ଦେବା ଉଦ୍ଦେଶ୍ୟ ନେଇ ଏକ କାଠ ଫାଳିଆରେ ତାଙ୍କ ମୁଣ୍ଡକୁ ଶକ୍ତ ପ୍ରହାର କରିଥିଲା। ଫଳରେ ତ୍ରିଲୋଚନ ଘଟଣାସ୍ଥଳରେ ଟଳି ପଡ଼ିଥିଲେ। ସ୍ଥାନୀୟ ଲୋକେ ଲୋଚନଙ୍କୁ ଉଦ୍ଧାର କରି ପ୍ରଥମେ ଓଡ଼ଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଓ ପରେ ଅବସ୍ଥା ସଙ୍କଟାପନ୍ନ ହେବାରୁ ନୟାଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ।

ଠିକ ସେହି ଦିନ ରାତି ୩ଟା ସମୟରେ ଅଭିଯୁକ୍ତ ନିରଞ୍ଜନ ସିନେମା ହଲର ବଦନୀ ପ୍ରଧାନ ଓ ସ୍ୱାମୀ ବୀର ପ୍ରଧାନଙ୍କ ଘରେ ପଶି ତାଙ୍କୁ ଓ ତାଙ୍କ ଝିଅ ସୁଲୋଚନା ପ୍ରଧାନଙ୍କୁ ମଧ୍ୟ ମରଣାନ୍ତକ ଆକ୍ରମଣ କରିଥିଲା। ଏଥିରେ ବଦନୀଙ୍କର ମୃତ୍ୟୁ ଘଟିଥିଲା ବେଳେ ଝିଅ ସୁଲୋଚନା ଗୁରୁତର ଆହତ ହୋଇଥିଲେ। ଅଭିଯୁକ୍ତ ନିରଞ୍ଜନ ମଧ୍ୟ ସେଦିନ ରାତିରେ ଓଡ଼ଗାଁର ଦାମୋଦର ସାହୁ ଓ ଅମୁଲି ବାରିକଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲା। ଏ ନେଇ ତ୍ରିଲୋଚନଙ୍କ ପୁଅ ମନୋଜ ସେଠୀଙ୍କ ଅଭିଯୋଗକୁ ଭିତ୍ତି କରି ପୁଲିସ ୦୩/୧୯ରେ ହତ୍ୟା ମାମଲା ପଞ୍ଜିକୃତ କରି ଘଟଣାର ଅନୁସନ୍ଧାନ କରିଥିଲା।

## ଖଟିଆରେ ବୁହାହେଲେ ଗର୍ଭବତୀ

**ବାଲେଶ୍ୱର (ଭିଓଭି) :** ସ୍ୱାଧୀନତାର ୭୭ ବର୍ଷ ପରେ ମଧ୍ୟ ବାଲେଶ୍ୱର ଜିଲ୍ଲା ସୋର ବ୍ଲକ ଆନନ୍ତପୁର ପଞ୍ଚାୟତର ଗର୍ଭବତୀ ମହିଳା ହସ୍ପିଟାଲ ଯିବାପାଇଁ ଆବଶ୍ୟକ ପଡୁଛି ଖଟିଆ। ଗାଁରେ ରାସ୍ତା ନଥିବାରୁ ସାଧାରଣ ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଗାଁର ସୁରଭି ନାଥ ନାମକ ଜଣେ ଗର୍ଭବତୀ ମହିଳା ପ୍ରସବ ଯନ୍ତ୍ରଣାରେ ଛଟପଟ ହେଉଥିବାବେଳେ ପରିବାର ଲୋକ ୧୦୨ ଆମ୍ବୁଲାନ୍ସକୁ ଯୋଗାଯୋଗ



କରିଥିଲେ। ହେଲେ ଗାଁକୁ ରାସ୍ତା ନଥିବାରୁ ଆମ୍ବୁଲାନ୍ସ ଗାଁକୁ ଆସିପାରିନାହିଁ। ଫଳରେ ବାଧ୍ୟ ହୋଇ ଗାଁଲୋକ ପାଖାପାଖି ୨ କିଲୋମିଟର ରାସ୍ତା ତାଙ୍କୁ ଖଟିଆରେ ବୋହି ନେଇ ଆମ୍ବୁଲାନ୍ସରେ ଛାଡିଛନ୍ତି। ପରେ ସୁରଭିଙ୍କୁ ଆନନ୍ତପୁର ଚିକିତ୍ସାଳୟରେ ଭର୍ତି କରାଯାଇଛି। ଗାଁକୁ ଭଲ ରାସ୍ତା ନିର୍ମାଣ ନେଇ ବାରମ୍ବାର ଗ୍ରାମବାସୀମାନେ ଅଭିଯୋଗ କରିଛନ୍ତି। ହେଲେ ପ୍ରଶାସନ ସବୁଜାଣି ମଧ୍ୟ ନିଦାବିଷ୍ଟୁ ସାଜିଛି। ତେଣୁ ଏସବୁକୁ ନଜରରେ ରଖି ଗ୍ରାମବାସୀ ମାନେ ଭୋଟ ବର୍ଜନର ଚେତାବନୀ ଦେଇଛନ୍ତି।

# ପିପିଲି–ଜଟଣୀ ରାସ୍ତା ଖାଲଖମାରେ ଭର୍ତ୍ତି

**ପିପିଲି (ଭିଓଭି):** ପିପିଲି–ଜଟଣୀ ମୁଖ୍ୟରାସ୍ତା ଏବେ ଖାଲଖମାରେ ଭର୍ତ୍ତି ହୋଇଛି। ଏଥିଯୋଗୁଁ ଦୈନିକ ଛୋଟବଡ ଦୁର୍ଘଟଣାମାନ ଘଟୁଥିବାବେଳେ ଯାତାୟତରେ ଲୋକେ ନାନା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଦୀର୍ଘ ୬ମାସରୁ ଊର୍ଦ୍ଧ୍ୱ କାଳ ଏହି ରାସ୍ତାର ଅବସ୍ଥା ଶୋଚନୀୟ ହୋଇ ପଡ଼ିଥିବାବେଳେ ଏହାର ମରାମତି ଦିଗରେ ବିଭାଗୀୟ କର୍ତ୍ତୃପକ୍ଷଙ୍କ ନିରବତାକୁ ନେଇ ସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ପିପିଲି ପୂର୍ତ୍ତ ବିଭାଗ ଅଧିନରେ ଥିବା ପିପିଲି–ଜଟଣୀ ରାସ୍ତାର ଜୟପୁର ଗ୍ରାମ୍ୟଛକଠାରୁ କାକୁଡିଆ ପର୍ଯ୍ୟନ୍ତ ବିଭିନ୍ନ ସ୍ଥାନରେ ୫୦ରୁ ଊର୍ଦ୍ଧ୍ୱ ଖାଲଖମା ସୃଷ୍ଟି ହୋଇଥିବା ପରିଲକ୍ଷିତ ହୋଇଛି। ପିପିଲି କେନାଲ ବନ୍ଧ ନିକଟ ଓ ଅକ୍ତାଇ ଛକ, ହସନପୁର ଛକ, ଭାରତୀପୁର ଛକ, ମାଧିପୁର ଛକ ସମେତ ଏହି ରାସ୍ତାର ବୁଢାପଡ଼ା ଗ୍ରାମ୍ୟଛକ ପର୍ଯ୍ୟନ୍ତ ରାସ୍ତା ଉପରେ ବହୁତଗୁଡିଏ ଛୋଟ ବଡ ଖାଲ ସୃଷ୍ଟି ହୋଇଛି। ଫଳରେ ଏଥିଯୋଗୁଁ ଦୈନିକ ଛୋଟବଡ ଦୁର୍ଘଟଣା ଘଟୁଥିବା ସୂଚନା ମିଳିଛି। ଏହି ରାସ୍ତାରେ ଯାଉଥିବା ସ୍କୁଲ, କଲେଜର ଛାତ୍ରଛାତ୍ରୀଙ୍କଠାରୁ ଆରମ୍ଭ କରି ରୋଗୀ ଓ ସାଧାରଣ ଲୋକେ ଏଥିଯୋଗୁଁ ଯାତାୟତରେ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ହସନପୁର ପେଟ୍ରୋଲ ଟାଙ୍କି ନିକଟରେ ରାସ୍ତାର



ଉଭୟ ପାର୍ଶ୍ୱ ଦବିଯିବା ଫଳରେ ଗାଡି ଚାଳନାରେ ଚାଳକମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଖୋର୍ଦ୍ଧାଠାରୁ ପିପିଲି ଦେଇ ଅସ୍ତରଙ୍ଗ, କାକଟପୁର, ନିମାପଡ଼ା, କୋଣାର୍କ ଓ ପୁରୀ ଯିବା ପାଇଁ ଏହା ମୁଖ୍ୟରାସ୍ତା ହୋଇଥିବା ଯୋଗୁଁ ଦୈନିକ ଶହଶହ ସଂଖ୍ୟାରେ ଗାଡିମୋଟର ଏହି ରାସ୍ତାରେ ଚଳାଚଳ କରୁଛି। ଦୁଇ ଚକିଆଠାରୁ ଆରମ୍ଭ କରି ଚାରି ଚକିଆ ଯାନବାହାନଗୁଡିକ ଏହି ଖାଲରେ ପଡ଼ି କ୍ଷତିଗ୍ରସ୍ତ ହେଉଥିବା ବେଳେ ଲୋକେ ଆହତ ମଧ୍ୟ ହେଉଛନ୍ତି। ମୋ ବସ୍ ଠାରୁ ଆରମ୍ଭ କରି ଲକ୍ଷ୍ମୀ ବସ୍ ଓ ଘରୋଇ ଯାତ୍ରୀବାହୀ ବସ୍‌ରେ ଶହ ଶହ ଲୋକେ ଏହି ରାସ୍ତାରେ ଯାତାୟତ କରୁଛନ୍ତି। ଏହି ରାସ୍ତା ଦେଇ ଆମ୍ବୁଲାନ୍ସ ଯିବା ବେଳେ ଖାଲଖମା ଯୋଗୁଁ ବିଶେଷ ସମସ୍ୟାର ସମ୍ମୁଖିନ ହେଉଥିବା ସୂଚନା ମିଳିଛି। ତେବେ ପ୍ରତ୍ୟେକ ବର୍ଷ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରାଯାଇ ଏହି ରାସ୍ତାର ମରାମତି କରାଯାଉଥିଲେ ମଧ୍ୟ କିଛିଦିନ ପରେ ଏହା ପୂର୍ବ ଅବସ୍ଥାକୁ ଫେରି ଆସୁଥିବା ଅଭିଯୋଗ ହୋଇଛି। ଗତ ୪ବର୍ଷ ତଳେ ଏହି ରାସ୍ତା ଉପରେ ନୂତନ ପିଚୁ ପକାଯାଇ ରାସ୍ତାର ଦୋହରିକରଣ କାର୍ଯ୍ୟ କରାଯାଇଥିଲା। ମାତ୍ର ନିମ୍ନମାନର କାର୍ଯ୍ୟ ଯୋଗୁଁ ବହୁ ସ୍ଥାନରେ ପିଚୁ ଉଠିଯାଇ ଖାଲଖମାରେ ପରିଣତ ହୋଇଥିଲା। ଏନେଇ ବାରମ୍ବାର ଅଭିଯୋଗ ହେବା ପରେ ୨୦୨୧ ଅକ୍ଟୋବର ମାସରେ ଉକ୍ତ ଖାଲଗୁଡିକୁ ଗୋଡି ଓ ପିଚୁ ଦ୍ୱାରା ମରାମତି କରାଯାଇଥିଲା। ତେବେ ନିମ୍ନମାନର ମରାମତି କାର୍ଯ୍ୟ ଯୋଗୁଁ ଉକ୍ତ ସ୍ଥାନମାନଙ୍କରୁ ପୁନର୍ବାର ପିଚୁ ଉଠିଯାଇ ଖାଲଖମାରେ ପରିଣତ ହୋଇଥିବା ଅଭିଯୋଗ ହୋଇଛି। ଏହା ପରେ ବିଭିନ୍ନ ସମୟରେ ଏହି ରାସ୍ତାର ମରାମତି କାର୍ଯ୍ୟ କରାଯାଇଥିଲେ ମଧ୍ୟ କିଛି ଦିନ ପରେ ତାହା ପୂର୍ବ ଅବସ୍ଥାକୁ ଫେରି ଆସିଥିବା ଅଭିଯୋଗ ହୋଇଛି। ଏହି ରାସ୍ତାର ଆବଶ୍ୟକ ମରାମତି ଦିଗରେ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ତୁରନ୍ତ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହୋଇଛି। ତେବେ ଖୁବଶୀଘ୍ର ଏହି ରାସ୍ତାର ଆବଶ୍ୟକ ମରାମତି କାର୍ଯ୍ୟ କରାଯିବ ବୋଲି ପିପିଲି ପୂର୍ତ୍ତ ବିଭାଗର ସହକାରୀ ନିର୍ବାହୀ ଯନ୍ତ୍ରୀ ରାଜେନ୍ଦ୍ର ପ୍ରସାଦ ସାହୁ ସୂଚନା ଦେଇଛନ୍ତି।

ଭାଗ-୧ । ସଂଖ୍ୟା-୨୪ । ଭୁବନେଶ୍ୱର । ୨୯ ଏପ୍ରିଲ୍ ରୁ ୫ ମେ' ୨୦୨୪
Vol-1 I Issue-24 I Bhubaneswar I 29 April to 5 May 2024

# ସହରର କେନ୍ଦ୍ରସ୍ଥଳ ପାଲଟିଛି ମରଣଯନ୍ତା





**କେନ୍ଦୁଝରଗଡ଼ (ଭିଓଭି):** କୋଲକତା-ମୁମ୍ବାଇ ୪୯ନଂ ଜାତୀୟ ରାଜପଥର ବେଲଦା ଠାରୁ ମାଳିଗାଁ ପର୍ଯ୍ୟନ୍ତ ବାଇପାସକୁ ସଂଯୋଗ କରୁଥିବା ୧୦.୭୨୦ କି.ମି. ରାସ୍ତାର ପ୍ରଶସ୍ତିକରଣ ନିମନ୍ତେ ଠିକାଦାର ସଚ୍ଚିଦାନନ୍ଦ ଖୁଲାରଙ୍କ ସହ ପୂର୍ତ୍ତ ବିଭାଗ ୧୩ ମାର୍ଚ୍ଚ ୨୦୨୩ରେ ଚୁକ୍ତି କରିଥିଲା। ୧୦କୋଟି ୫୫ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ହେବାକୁ ଥିବା ଏହି ରାସ୍ତା ୧୨ ଡିସେମ୍ବର ୨୦୨୩ସୁଦ୍ଧା ଶେଷ ହେବା ନିମନ୍ତେ ଚୁକ୍ତିରେ ଉଲ୍ଲେଖ ମଧ୍ୟ ରହିଛି। ଇତିମଧ୍ୟରେ ଚୁକ୍ତି ଅବଧି ୪ମାସ ଅତିକ୍ରମ କରିବା ପରେ ମଧ୍ୟ ରାସ୍ତା ନିର୍ମାଣ କାର୍ଯ୍ୟ ଅଧପନ୍ତରିଆ ହୋଇ ପଡି ରହିବା ଏବଂ ବିଶେଷକରି ଧୋବାଡିହା ଛକ ଠାରୁ ଗାନ୍ଧୀଛକ ପର୍ଯ୍ୟନ୍ତ ରାସ୍ତା ମରଣଯନ୍ତା ପାଲଟିଥିବାରୁ ସହରବାସୀଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇ ଆସୁଛି। ଧୋବାଡିହା ଠାରୁ ଗାନ୍ଧୀଛକ ପର୍ଯ୍ୟନ୍ତ ମାତ୍ର ୩୧୫ମିଟର ଡ୍ରେନ ନିର୍ମାଣ କାର୍ଯ୍ୟ ଆଜକୁ ବର୍ଷାଧିକ କାଳ ଧରି ଜାରି ରହିଥିଲେ ହେଁ ନିର୍ମାଣ କାର୍ଯ୍ୟ ଶେଷ ହେଉନଥିବାରୁ ବ୍ୟବସାୟୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇ ଆସୁଛି।

ସେହିଭଳି ଗାନ୍ଧୀଛକ ଠାରେ ଡ୍ରେନ ନିର୍ମାଣ ପାଇଁ ଆଜକୁ ଦେଢ଼ ମାସ ତଳେ ରାସ୍ତା ଖୋଳି ପୋତା ଯାଇଥିବା ବେଳେ ପୁଣି ଦୁଇଦିନ ଧରି ଉକ୍ତ ଗାନ୍ଧୀଛକ ଖୋଳା ଯାଇଥିବାରୁ ଯାନବାହାନ ଚଳାଚଳରେ ଟ୍ରାଫିକ୍ ସମସ୍ୟା ବୃଦ୍ଧି ସହ ଦୁର୍ଘଟଣା ଘଟୁଥିବାରୁ ସାଧାରଣରେ ଆନ୍ଦୋଳନାତ୍ମକ ପରିସ୍ଥିତି ସୃଷ୍ଟି କରିଛି। ଉକ୍ତ ରାସ୍ତାର ରବୀନ୍ଦ୍ର ବିଦ୍ୟା ନିକେତନ ନିକଟରେ ଏକ ପୋଲ ପ୍ରଶସ୍ତିକରଣ କାର୍ଯ୍ୟ ମଧ୍ୟ ଆଜକୁ ଦୀର୍ଘ ୧୦ମାସ ଧରି ଆରମ୍ଭ ହୋଇଥିଲେ ହେଁ ଅଦ୍ୟାବଧି ନିର୍ମାଣ କାର୍ଯ୍ୟ ଶେଷ ନହେବା ଯୋଗୁଁ ପ୍ରତ୍ୟହ ଉକ୍ତ ସ୍ଥାନରେ ଟ୍ରାଫିକ୍ ସମସ୍ୟା ବୃଦ୍ଧି ପାଉଥିବାରୁ ଯାତ୍ରୀଙ୍କୁ ନାହିଁନଥିବା ହିନସ୍ତାର ସମ୍ମୁଖୀନ ହେବାକୁ ପଡୁଛି।

ଏଭଳିସ୍ଥିତିରେ ଠିକାଦାରଙ୍କ ବିରୋଧରେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ପରିବର୍ତ୍ତେ ସୁରକ୍ଷା ଯୋଗାଇଦେବା ଯନ୍ତ୍ରୀ-ଠିକାଦାରଙ୍କ ମଧ୍ୟରେ ଥିବା ଅସାଧୁମେଣ୍ଟକୁ ପଦାରେ ପକାଇଛି। ଆଗକୁ ସାଧାରଣ ନିର୍ବାଚନ ପାଇଁ ଜିଲା ମୁଖ୍ୟାଳୟ ଠାରେ ଲୋକସଭା ସମେତ କେନ୍ଦୁଝର ସଦର ଓ ତେଲକୋଇ ନିର୍ବାଚନମଣ୍ଡଳୀ ପ୍ରାର୍ଥୀଙ୍କ ନାମାଙ୍କନପତ୍ର ଦାଖଲ ହେବାକୁଥିବା ବେଳେ ଏହାକୁ ଆଖି ଆଗରେ ରଖି ବିଶେଷକରି ଧୋବାଡିହା ଠାରୁ ଗାନ୍ଧୀଛକ ପର୍ଯ୍ୟନ୍ତ ରାସ୍ତା ପ୍ରଶସ୍ତିକରଣ ଓ ଡ୍ରେନ ନିର୍ମାଣ କାର୍ଯ୍ୟ ଶେଷ ନକଲେ ଯେକୌଣସି ମୁହୁର୍ତ୍ତରେ ଆଇନଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହେବା ଆଶଙ୍କାକୁ ଏଡାଇ ଦିଆଯାଇନପାରେ।

## ରାସ୍ତା ସଂପ୍ରସାରଣ ପରେ ମଧ୍ୟ ଚାଲିଛି ଅବାଧ ଗଛକଟା

**ଗୁରୁଡିଝାଟିଆ(ଭିଓଭି):** ପୁରୁଣା କଟକ-ସମ୍ବଲପୁର ରାସ୍ତାର ନୂଆପାଟଣା ଠାରୁ ଆଠଗଡ ପର୍ଯ୍ୟନ୍ତ ରାସ୍ତା ପ୍ରଶସ୍ତିକରଣ ଓ ଉନ୍ନତି କରଣ କାର୍ଯ୍ୟ ଚାଲୁରହିଛି ।ଅନେକ ସ୍ଥାନରେ ରାସ୍ତାକାର୍ଯ୍ୟ ସଂପୂର୍ଣ୍ଣ ସରିଗଲାଣି ମଧ୍ୟ। ରାସ୍ତାକାର୍ଯ୍ୟ ସଂପୂର୍ଣ୍ଣ



ହୋଇଯାଇଥିବା ସ୍ଥାନମାନଙ୍କରେ ଆବଶ୍ୟକ ନଥାଇ ଖଳ ପ୍ରକୃତିରେ ଅନାୟସରେ ଗଛକାଟିବାରେ ଲାଗିଛନ୍ତି। ଏଭଳି ଚିତ୍ର ଦେଖିବାକୁ ମିଳିଛି ନାରଙ୍ଗବସ୍ତ ପନଛୁଇ ଠାକୁରାଣୀଙ୍କ ନିକଟରେ। ପ୍ରକାଶଯାଗ୍ୟ ନୂଆଡିହ ଠାରୁ ପନଛୁଇ ଠାକୁରାଣୀ ପର୍ଯ୍ୟନ୍ତ ରାସ୍ତାକାର୍ଯ୍ୟ ସଂପୂର୍ଣ୍ଣ ହୋଇଯାଇଛି।

ହେଲେ ରାସ୍ତାସଂପ୍ରସାରଣରେ ବାଧକ ନଥିବା ଗଛଗୁଡିକୁ ଏବେ ସ୍ଥାନୀୟ ଅଞ୍ଚଳର କିଛି ଖଳ ପ୍ରକୃତିର ଲୋକ କାଟିନେଉଛନ୍ତି। ଯାହାଫଳରେ ପ୍ରଚଣ୍ଡ ରୌଦ୍ରତାପ ଯୋଗୁଁ ରାସ୍ତରେ ଯାଉଥିବା ବାଟୋଇ ନାହିଁ ନଥିବା ଅସୁବିଧାର ସମ୍ମୁଖିନ ହେଉଛନ୍ତି। ସ୍ୱଷ୍ଟ ଦିବାଲୋକରେ ରାସ୍ତା ପାଶ୍ୱର୍ରେ ଥିବା ଗଛଗୁଡିକୁ କଟାଯାଉଥିବା ବେଳେ ବିଭାଗୀୟ ରାସ୍ତା ଓ କୋଠାବାଡି ବିଭାଗର ଯନ୍ତ୍ରୀ କୁମ୍ଭକର୍ଣ୍ଣ ନିଦ୍ରାରେ ଶୋଇଥିବା ବେଳେ ବନବିଭାଗ ଉଦାସୀନତା ଦେଖାଇଛି। ଯାହା ଫଳରେ କି ଗଛ କାଟୁଥିବା ଖଳପ୍ରକୃତିର ଲୋକମାନଙ୍କ ପାଇଁ ଏହା ପୁଷମାସ ସୃଷ୍ଟି କରିଛି। ରାସ୍ତା ସଂପ୍ରସାରଣରେ ବାଧକ ସୃଷ୍ଟି କରୁନଥିବା ଗଛକଟାକୁ ତୁରନ୍ତ ବନ୍ଦ ପାଇଁ ପରିବେଶବିମାନେ ଦାବି କରିଛନ୍ତି।

## ଗାଁକୁ ରାସ୍ତା ନାହିଁ, ଭୋଟ ନ ଦେବାକୁ ଗ୍ରାମବାସୀଙ୍କ ଚେତାବନୀ

**ଫୁଲବାଣୀ(ଭିଓଭି):** କନ୍ଧମାଳ ଜିଲା ଫିରିଙ୍ଗିଆ ବ୍ଲକ ପାଣ୍ଡୁପଦର ର ୭ ଓ ୮ ନମ୍ବର ୱାର୍ଡ ବାସୀଙ୍କ ସହ ଅଞ୍ଚଳ ବାସୀ ଗାଁରେ ଆଜି ପର୍ଯ୍ୟନ୍ତ ରାସ୍ତା ନଥିବାରୁ ବିଭିନ୍ନ ରାଜନେତା, ମନ୍ତ୍ରୀ ଓ ପ୍ରାର୍ଥୀ ଙ୍କୁ ଚଳିତ ୨୦୨୪ ନିର୍ବାଚନରେ ପୋଷ୍ଟର କିମ୍ବା ବ୍ୟାନର ନ ଲଗାଇବା ସହ ପ୍ରଚାର ନ କରିବାକୁ ନେଇ ଅଭିନ୍ନ ଉପାୟରେ ଗାଁର ରାସ୍ତା କଡରେ ଶାଳ ଗଛରେ ରାସ୍ତା ନାହିଁ ତ ଭୋଟ ନାହିଁ ବ୍ୟାନର ଲଗାଇବା ସହ ପୋଷ୍ଟର ମାଧ୍ୟମରେ ମଧ୍ୟ ବିରୋଧ କରି ବିଭିନ୍ନ ସୋସିଆଲ ମିଡିଆରେ ଛାଡିଥିଲେ। ଏହି ଘଟଣା ବିଭିନ୍ନ ଗଣ ମାଧ୍ୟମରେ ଖବର ପ୍ରସାରଣ ପରେ ଗାଁରେ ପ୍ରଶାସନିକ ଅଧିକାରୀ ପହଞ୍ଚି ଲୋକଙ୍କୁ ବୁଝା ସୁଝା କରିଥିଲେ ମଧ୍ୟ କୌଣସି ସୁଫଳ ମିଳିନଥିବା ଜଣା ପଡିଛି ।



ସୂଚନା ଅନୁସାରେ ଖବର ପ୍ରସାରଣ ପରେ ଫିରିଙ୍ଗିଆ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଅନୁପ ଅଭିଷେକ ବେହେରା, କନିଷ୍ଠ ଯନ୍ତ୍ରୀ ସୁମନ୍ତ ଭୋଇ, ପବିଙ୍ଗିଆ ସରପଞ୍ଚ ଲାଲମୋହନ କହଁର ଓ କିଛି ସରକାରୀ କର୍ମଚାରୀ ପାଣ୍ଡୁ ପଦର ଗାଁରେ ପହଞ୍ଚି ଥିଲେ। ଗାଁର ରାସ୍ତା କଡ଼ ଗଛ ମୂଳରେ ବୈଠକ କରିବା ସହ ଲୋକଙ୍କ ସହ ଆଲୋଚନା ମାଧ୍ୟମରେ ସମାଧାନ କରିବାକୁ ପ୍ରୟାସ କରିଥିଲେ ମଧ୍ୟ ସ୍ଥାନୀୟ ଅଞ୍ଚଳର ଶତାଧିକ ଲୋକେ ଗାଁରେ ଆଜି ପର୍ଯ୍ୟନ୍ତ ରାସ୍ତା ନଥିବାରୁ ରାସ୍ତା ଆରମ୍ଭ ନହେବା ଯାଏଁ କୌଣସି ଗ୍ରାମ ବାସୀ ଭୋଟ ଦେବେ ନାହିଁ ବୋଲି ଜିଦ ଧରିଥିଲେ ।

ଦୀର୍ଘ ୨ ଘଣ୍ଟାରୁ ଅଧିକ ସମୟ ଆଲୋଚନା ହୋଇଥିଲେ ମଧ୍ୟ କୌଣସି ସମାଧାନର ରାସ୍ତା ବାହାରି ନଥିଲା କ୍ଷ ପୁଣି ଥରେ ଆଗାମୀ ଦିନରେ ଆଲୋଚନା କରି ସମାଧାନ କରାଯିବ ବୋଲି ବିଡ଼ିଓ ସୂଚନା ଦେଇଥିବା ଗ୍ରାମ ବାସୀ କହିଛନ୍ତି। ଚଳିତ ନିର୍ବାଚନ ପୂର୍ବରୁ ଗାଁ ଗାଁରେ ହେଉ କି ଉପାନ୍ତ ଅଞ୍ଚଳରେ ମଧ୍ୟ ଜନସାଧାରଣ ମୌଳିକ ସୁବିଧାରୁ ବଞ୍ଚିତ ହୋଇଥିବାରୁ କେଉଁଠି ପାଣି ମିଳୁନି ତ କେଉଁଠି ରାସ୍ତା ଘାଟ ନଥିବାରୁ ବାରମ୍ବାର ଏଭଳି ଅଭିଯୋଗ ସହ ଭୋଟ ବର୍ଜନ କରିବା ନେଇ ଧମକ ଦେଉଥିବା ଦେଖିବାକୁ ମିଳୁଛି ।

# ବାଂଶଡା-ଧାମରା ରାସ୍ତାକୁ ଉପେକ୍ଷା, ଅଦିନରେ ହ୍ରଦର ସୃଷ୍ଟି ହେଉଛି ଭ୍ରମ



**ଧାମରା(ଭିଓଭି):** ବାଂଶଡା -ଧାମରା ଗ୍ରାମ୍ୟ ଉନ୍ନୟନ ରାସ୍ତା ନିର୍ମାଣକୁ ୧୪ବର୍ଷ ବିତିଯାଇଥିବା ବେଳେ ଆଜି ପର୍ଯ୍ୟନ୍ତ ଏହି ରାସ୍ତା ସଂପୂର୍ଣ୍ଣ ଭାବେ ମରାମତି ହୋଇ ପାରିଲା ନାହିଁ। ଦୀର୍ଘ ୮ କି.ମି ବ୍ୟାପୀ ରାସ୍ତା ଉପରେ ଧାମରା ୮ପଂଚାୟତର ସର୍ବସାଧାରଣ ଯାତାୟତ କରୁଛନ୍ତି। ଏହି ରାସ୍ତା ସଂପୂର୍ଣ୍ଣ ଭାବେ ମରାମତି କରିବା ପାଇଁ ବାଂଶଡା ପଂଚାୟତର ପୂର୍ବତନ ସରପଂଚ ତଥା ଚାନ୍ଦବାଲି ନିର୍ବାଚନ ମଣ୍ଡଳୀ ନେତା ଦିଗମ୍ବର ଦାସ ବହୁବାର ଚାନ୍ଦବାଲି ଗ୍ରାମ୍ୟ ଉନ୍ନୟନ ବିଭାଗକୁ ଭେଟି ନିଜର ଦାବୀ ଜଣାଇଥିଲେ। ଦୀର୍ଘ ଦିନ ହେଲା ସେ ଭଦ୍ରକ କାର୍ଯ୍ୟ ନିର୍ବାହୀ ଏବଂ ଅଧୀକ୍ଷଣ ଯନ୍ତ୍ରୀଙ୍କୁ ମଧ୍ୟ ଭେଟି ନିଜର ଦାବୀ ଉପସ୍ଥାପନ କରି ଆସୁଛନ୍ତି। ହେଲେ ଇତି ମଧ୍ୟରେ ଦୀର୍ଘ ଦିନ ବିତିଯାଇଥିଲେ ମଧ୍ୟ ଏହି ରାସ୍ତା ବହୁ ସ୍ଥାନରେ ମରାମତି ଅଭାବରୁ ଯାତାୟତ ଉପଯୋଗୀ ନଥିବା ବେଳେ ଏହାକୁ ବିଭାଗୀୟ ଅଧିକାରୀ ସଂପୂର୍ଣ ମରାମତି କରିବାକୁ ନାରାଜ। କେଉଁ ପରିସ୍ଥିତିରେ ଏହି ରାସ୍ତା ମରାମତି ହେଉ ନାହିଁ ତାହା ଅଂଚଳବାସୀଙ୍କୁ ଆଶ୍ଚର୍ଯ୍ୟରେ ପକାଇଛି।

ଟିକିଏ ବର୍ଷାରେ ବହୁ ସ୍ଥାନରେ ପାଣି ଜମିଯାଇ ହ୍ରଡର ଭ୍ରମ ସୃଷ୍ଟି କରୁଥିବା ଏହି ରାସ୍ତା କୁ ବହୁ ସମୟରେ ଜନସାଧାରଣ ମରାମତି କରୁଥିବା ଦେଖାଯାଇଛି। ମାତ୍ର ଚାନ୍ଦବାଲି ଗ୍ରାମ୍ୟ ଉନ୍ନୟନ ବିଭାଗର ଉପଖଣ୍ଡ ଅଧିକାରୀଙ୍କ ନିକଟରେ ଏହି ରାସ୍ତା ନିର୍ମାଣ ବାବଦରେ ଲିଖିତ ଅଭିଯୋଗ ହୋଇଥିବା ବେଳେ ସେ ଏହି ରାସ୍ତା ନିର୍ମାଣ ଉପରେ କୌଣସି ପରିସ୍ଥିତିରେ ଗୁରୁତ୍ୱ ଦେଉ ନାହାନ୍ତି। ଏହି ରାସ୍ତା ଯେତେବେଳେ ସଂପୂର୍ଣ୍ଣ ଯାତାୟତ ଅନୁପୋଯୋଗୀ ହେଉଛି ସେହି ସମୟରେ ବିଭାଗୀୟ ଅଧିକାରୀ କେଉଁଠି ଟିକିଏ ପ୍ୟାଚ ପକାଇ କାମ ଚଳାଇ ଦେଉଥିବା ବେଳେ ଏହି ରାସ୍ତା ସଂପୂର୍ଣ ମରାମତି ହେବା ଜରୁରୀ ହୋଇ ପଡିଛି।

ଅନ୍ୟ ପକ୍ଷରେ ଏହି ଛୋଟ ଛୋଟ ପ୍ୟାଚ କାମକୁ ଚାନ୍ଦବାଲି ନିର୍ବାଚନ ମଣ୍ଡଳୀ ନେତା ଦିଗମ୍ବର ଦାସ ନାପସନ୍ଦ କରିବା ସହ ଛୋଟ ଛୋଟ ଠିକାଦାରଙ୍କୁ ଏହି କାମ ଦେଇ ବିଭାଗୀୟ ଅଧିକାରୀ ବେଶୀ ମୁନାଫା କମାଉଛନ୍ତି ବୋଲି ପ୍ରତିକ୍ରିୟା ରଖିଥିବା ବେଳେ ବିଭାଗୀୟ ଅଧିକାରୀ କେବଳ କୋଡ ଅଫ କଣ୍ଡକ୍ଟ ଲାଗିଛି ତେଣୁ କୌଣସି କାର୍ଯ୍ୟ ସମ୍ଭବ ନୁହେଁ ବୋଲି ମତ ରଖିଥିବା ବେଳେ ନିର୍ବାଚନ ପୂର୍ବରୁ କାହିଁକି ଏହି ରାସ୍ତା ନିର୍ମାଣ କରାଯାଉ ନାହିଁ ତାହାର କୌଣସି ପ୍ରତିକ୍ରିୟା ଦେବାକୁ ମନା କରି ଦେଇଥିଲେ। ଆଜି ଭଳି ଦିନରେ ଏହି ରାସ୍ତା ଦେଇ ଦୈନିକ ଶହ ଶହ ବାଇକ ଆରୋହୀ ଯାତାୟତ କରୁଥିବା ବେଳେ ତୁରନ୍ତ ଏହି ରାସ୍ତା ମରାମତି କରିବାକୁ ଅଂଚଳବାସୀ ନିଜର ଦାବି ଜଣାଇଛନ୍ତି ।

# ଆପ୍‌ର ନିର୍ବାଚନୀ ପ୍ରଚାର ମଙ୍ଗ ଧରିବେ ସୁନୀତା

**ନୂଆଦିଲ୍ଲୀ:** ପ୍ରଚାର ମୈଦାନକୁ ଓହ୍ଲାଇବେ ସୁନୀତା କେଜ୍ରିଓ୍ୱାଲ। ଆମ୍ ଆଦମୀ ପାର୍ଟିର ନିର୍ବାଚନୀ ପ୍ରଚାରର ମଙ୍ଗ ଧରିବେ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିଓ୍ୱାଲଙ୍କ ପତ୍ନୀ। ଏଥିପାଇଁ ଆପ୍ ପକ୍ଷରୁ ତାଙ୍କୁ ମିଳିଛି ବଡ଼ ଦାୟିତ୍ୱ।



ଗତ ମାସରେ ଇଣ୍ଡିଆ ବ୍ଲକ୍ ରାଲିରେ ଆଖିଦୃଶିଆ ଭାଷଣ ଦେଇ ରାଜନୈତିକ ଲଢ଼େଇରେ ଏଣ୍ଟ୍ରି କରିଥିଲେ ସୁନୀତା କେଜ୍ରିଓ୍ୱାଲ। ଏବେ ଦିଲ୍ଲୀ ତଥା ଅନ୍ୟାନ୍ୟ ରାଜ୍ୟରେ ଲୋକସଭା ନିର୍ବାଚନ ପାଇଁ ଆମ୍ ଆଦମୀ ପାର୍ଟିର ସେ ନେତୃତ୍ୱ ନେବେ। ଆପ୍‌ର ପୂର୍ବ ଦିଲ୍ଲୀ ପ୍ରାର୍ଥୀ କୁଲଦୀପ କୁମାରଙ୍କ ସମର୍ଥନରେ ସୁନୀତା କେଜ୍ରିଓ୍ୱାଲ ଦେଶର ରାଜଧାନୀରେ କରିବେ ମେଗା ରୋଡ୍ ଶୋ'। ଦଳର ସୂତ୍ରରୁ ପ୍ରକାଶ ଯେ, ଆପ୍‌ର ପ୍ରଚାର ଅଭିଯାନକୁ ବୃଦ୍ଧି କରିବା ପାଇଁ ସୁନୀତା କେଜ୍ରିଓ୍ୱାଲ ଧୀରେ ଧୀରେ ଦଳରେ ଏକ ବଡ଼ ଭୂମିକା ଗ୍ରହଣ କରୁଛନ୍ତି। ଏଭଳି ସ୍ଥିତିରେ ଦଳକୁ ଏକାଠି ରଖିବା ପାଇଁ ଶ୍ରୀମତୀ କେଜ୍ରିଓ୍ୱାଲ ହେଉଛନ୍ତି ସର୍ବୋତ୍ତମ ବ୍ୟକ୍ତି। ଦଳର କର୍ମୀଙ୍କ ଉପରେ ତାଙ୍କର ଉପସ୍ଥିତି ଏକ ସକରାତ୍ମକ ପ୍ରଭାବ ପକାଇଛି ବୋଲି ଆପ୍ ମନ୍ତ୍ରୀ ସୌରଭ ଭରଦ୍ୱାଜ କହିଛନ୍ତି। ଅରବିନ୍ଦ କେଜ୍ରିଓ୍ୱାଲଙ୍କ ଗିରଫଦାରୀକୁ ବିରୋଧ କରି ତାଙ୍କ ପତ୍ନୀ ସୁନୀତା କେଜ୍ରିଓ୍ୱାଲ ଆଜି ପ୍ରଚାର ମୈଦାନକୁ ଓହ୍ଲାଇବେ। କେଜ୍ରିଓ୍ୱାଲଙ୍କ ପାଇଁ ଆଶୀର୍ବାଦ ଏବଂ ଆପ୍ ପ୍ରାର୍ଥୀଙ୍କ ପାଇଁ ଭୋଟ୍ ମାଗିବା ପାଇଁ ସେ ପ୍ରଚାର କରିବେ। ସେ ଦିଲ୍ଲୀ, ପଞ୍ଜାବ, ଗୁଜୁରାଟ ଏବଂ ହରିଆଣାର ଲୋକଙ୍କଠାରୁ ଆଶୀର୍ବାଦ ଲୋଡିବେ ବୋଲି ଦିଲ୍ଲୀ ମନ୍ତ୍ରୀ ଅତିଶୀ ଘୋଷଣା କରିଥିଲେ।

କହିରଖୁ ଯେ, ଗତ ମାସରେ ସୁନୀତା କେଜ୍ରିଓ୍ୱାଲ ଦିଲ୍ଲୀ ଓ ରାଞ୍ଚିରେ ଇଣ୍ଡିଆ ବ୍ଲକର ମେଗା ରାଲିରେ ସାମିଲ ହୋଇଥିଲେ। ଏଥିରେ ସେ ଭାଗ ନେଇ କେନ୍ଦ୍ର ସରକାରଙ୍କୁ କଡା ଟାର୍ଗେଟ କରିଥିଲେ। ବିରୋଧୀ ଶାସିତ ରାଜ୍ୟଗୁଡିକୁ ହଇରାଣ କରିବା ପାଇଁ ବିଜେପି କେନ୍ଦ୍ରୀୟ ଏଜେନ୍ସିଗୁଡିକର ଦୂରୁପଯୋଗ କରୁଥିବା ସେ ଅଭିଯୋଗ କରିଥିଲେ।

## ଆପ୍ ବିଧାୟକ ଅମାନତୁଲ୍ଲାଙ୍କୁ ମିଳିଲା ଜାମିନ୍



**ନୂଆଦିଲ୍ଲୀ:** ଆପ୍ ବିଧାୟକ ଅମାନତୁଲ୍ଲା ଖାନ୍‌ଙ୍କୁ ମିଳିଲା ବଡ ଆଶ୍ୱସ୍ତି। ଦିଲ୍ଲୀ ଓ୍ୱାକଫ ବୋର୍ଡ ସହ ଜଡିତ ମନି ଲଣ୍ଡରିଂ ମାମଲାରେ ଅଭିଯୁକ୍ତ ଥିବା ଆପ୍ ନେତାଙ୍କୁ ମିଳିଲା ଜାମିନ୍। ଦିଲ୍ଲୀର ରାଉଜ ଆଭେନ୍ୟୁ କୋର୍ଟ ଅମାନତୁଲ୍ଲାଙ୍କୁ ୧୫,୦୦୦ ଟଙ୍କା ବ୍ୟକ୍ତିଗତ ବଣ୍ଡରେ ଜାମିନ ପ୍ରଦାନ କରିଛନ୍ତି।

ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି)ର ବାରମ୍ବାର ସମନ ପରେ ମଧ୍ୟ ଏହି ଆପ୍ ବିଧାୟକ ହାଜର ହେଉନଥିଲେ। ଏହାପରେ କୋର୍ଟରେ ଏନେଇ ଏକ ଅଭିଯୋଗ ହୋଇଥିଲା। ପରେ କୋର୍ଟ ତାଙ୍କୁ ହାଜର ହେବାକୁ ସମନ କରିଥିଲେ। ବିଧାୟକଙ୍କୁ କୋର୍ଟରେ ହାଜର ହେବାକୁ ପଡିବ ବୋଲି ନିର୍ଦ୍ଦେଶ ଦିଆଯାଇଥିଲା। କୋର୍ଟଙ୍କ ଏହି ନିର୍ଦ୍ଦେଶକୁ ପାଳନ କରି ଆପ୍ ନେତା ହାଜର ହୋଇଥିଲେ। ଏହାପରେ ତାଙ୍କୁ ଜାମିନ ମିଳିଥିଲା।

ନିକଟରେ ଦିଲ୍ଲୀ ଓ୍ୱାକଫ ବୋର୍ଡରେ ନିଯୁକ୍ତ ଓ ସମ୍ପତ୍ତି ଅନିୟମିତତା ସହ ଜଡିତ ମନି ଲଣ୍ଡରିଂ ମାମଲାରେ ଇଡି ଆପ୍ ବିଧାୟକଙ୍କୁ ୬ ଥର ସମନ କରିଥିଲା। କିନ୍ତୁ ସେ ହାଜର ହୋଇନଥିଲେ। ଏହାପରେ ଏପ୍ରିଲ ୧୮ ତାରିଖରେ ହାଇକୋର୍ଟ ତାଙ୍କୁ ତଦନ୍ତରେ ସାମିଲ ହେବାକୁ ନିର୍ଦ୍ଦେଶ ଦେଇଥିଲେ। କୋର୍ଟଙ୍କ ନିର୍ଦ୍ଦେଶ ଅନୁଯାୟୀ ଆପ୍ ବିଧାୟକ ଇଡି କାର୍ଯ୍ୟାଳୟରେ ପହଞ୍ଚିଥିଲେ। ସେଠାରେ ତାଙ୍କୁ ୧୨ ଘଣ୍ଟା ଧରି ପଚରାଉଚରା କରାଯାଇ ତାଙ୍କ ବୟାନ ରେକର୍ଡ କରାଯାଇଥିଲା।

କହିରଖୁ ଯେ, ୨୦୧୮ରୁ ୨୦୨୨ ଭିତରେ ଦିଲ୍ଲୀ ଓ୍ୱାକଫ ବୋର୍ଡର ଅଧ୍ୟକ୍ଷ ଥିବା ବେଳେ ଅମାନୁତୁଲ୍ଲା ଖାନ୍ ବେଆଇନ୍ ନିଯୁକ୍ତି ମାଧ୍ୟମରେ ବିପୁଳ ଟଙ୍କା ସଂଗ୍ରହ କରିଥିଲେ। ତାଙ୍କ ସହଯୋଗୀଙ୍କ ନାମରେ ଅସ୍ଥାବର ସମ୍ପତ୍ତି କ୍ରୟ କରିବାରେ ଏହି ଅର୍ଥ ବ୍ୟବହାର କରିଥିଲେ। ଏହି ମାମଲାରେ ସିବିଆଇ ଏକ ଏଫ୍‌ଆଇଆର୍ ଦାଖଲ କରିଥିଲା। ଏହାକୁ ଆଧାର କରି ଇଡି ଅମାନତୁଲ୍ଲା ଖାନଙ୍କ ଜଡିତ ବିଭିନ୍ନ ସ୍ଥାନରେ ଚଢ଼ାଉ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିଲା।

## ବିହାରରୁ ଉତ୍ତରପ୍ରଦେଶକୁ ଶିଶୁ ଚାଲାଣ, ୯୫ ଜଣଙ୍କୁ ଉଦ୍ଧାର କଲା ଶିଶୁ ଆୟୋଗ

**ନୂଆଦିଲ୍ଲୀ:** ବେଆଇନ ଭାବେ ଚାଲାଣ ହେଉଥିବା ୯୫ ଜଣ ଶିଶୁଙ୍କୁ ଉଦ୍ଧାର କରିଛି ଉତ୍ତରପ୍ରଦେଶ ଶିଶୁ ଆୟୋଗ। ବିହାରରୁ ଉତ୍ତରପ୍ରଦେଶ ଚାଲାଣ ହେଉଥିବା ବେଳେ ଚଢାଉ କରି ଆୟୋଗ ୯୫ ଜଣଙ୍କୁ ଉଦ୍ଧାର କରିଛି।

ଅଯୋଧ୍ୟା ଶିଶୁ କଲ୍ୟାଣ ସମିତି ଅଧ୍ୟକ୍ଷ କହିଛନ୍ତି ଯେ, କିଛି ପିଲାଙ୍କୁ ବେଆଇନ ଭାବେ ଚାଲାଣ ହେଉଥିବା ନେଇ ରାଜ୍ୟ ଶିଶୁ ଆୟୋଗ ସଦସ୍ୟ ସୁଚିତ୍ରା ଚତୁର୍ବେଦୀ ସୂଚନା ଦେଇଥିଲେ। ବିହାରରୁ ପିଲାମାନଙ୍କୁ ବେଆଇନ ଭାବେ ସାହାରନପୁରକୁ ଚାଲାଣ କରାଯାଉଥିବା ଜଣାପଡିଥିଲା। ଏହି ସମୟରେ



ଚଢାଉ କରି ଆମେ ପିଲାମାନଙ୍କୁ ଉଦ୍ଧାର କରିଛି।

ପିଲାମାନଙ୍କୁ ଖାଦ୍ୟ ଓ ଚିକିତ୍ସା ଯୋଗାଇ ଦିଆଯାଇଛି। ସମସ୍ତ ଉଦ୍ଧାର ହୋଇଥିବା ପିଲାମାନଙ୍କ ବୟସ ୪-୧୨ ବର୍ଷ ହେବ ବୋଲି ଅଯୋଧ୍ୟା ଶିଶୁ କଲ୍ୟାଣ ସମିତି ଅଧ୍ୟକ୍ଷ କହିଛନ୍ତି।

ସେ ଆହୁରି କହିଛନ୍ତି ଯେ, ଚାଲାଣ ହେଉଥିବା ପିଲାମାନଙ୍କ ଅଭିଭାବକଙ୍କ ପକ୍ଷରୁ କୌଣସି ସ୍ୱୀକୃତି ମିଳିନଥିଲା। ପିଲାମାନେ ମଧ୍ୟ କେଉଁଠାକୁ ଯାଉଛନ୍ତି ଜାଣିନଥିବା କହିଥିଲେ। ବର୍ତ୍ତମାନ ସେମାନଙ୍କ ବାପା-ମାଆଙ୍କୁ ଯୋଗାଯୋଗ କରାଯାଉଛି। ଏହି ରାକେଟରେ ଯେଉଁମାନେ ବି ସାମିଲ ଅଛନ୍ତି, ସେମାନଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଅଯୋଧ୍ୟା ଶିଶୁ କଲ୍ୟାଣ ସମିତି ଅଧ୍ୟକ୍ଷ କହିଛନ୍ତି।

## ମହୁଆଙ୍କୁ ଆଶ୍ୱସ୍ତି, ମାନହାନୀ ମାମଲା ଫେରାଇ ନେଲେ ଅନନ୍ତ

**ନୂଆଦିଲ୍ଲୀ:** ତୃଣମୂଳ କଂଗ୍ରେସ ନେତ୍ରୀ ମହୁଆ ମୋଇତ୍ରାଙ୍କୁ ମିଳିଲା ଆଶ୍ୱସ୍ତି। ତାଙ୍କ ବିରୋଧରେ କରିଥିବା ମାନହାନୀ ମାମଲାକୁ ଫେରାନେଲେ ତାଙ୍କ ପୂର୍ବତନ ସାଥୀ ତଥା ଓକିଲ ଜୟ ଅନନ୍ତ ଦେହାଦ୍ରି। ଦିଲ୍ଲୀ ହାଇକୋର୍ଟରେ ମହୁଆଙ୍କ ବିରୋଧରେ ଅନନ୍ତ ଦେହାଦ୍ରି ମାନହାନୀ ମକଦ୍ଦମା କରିଥିଲେ। ତେବେ ଏହାକୁ ଆପୋଷ ବୁଝାମଣାରେ ଫେରାଇ ନେଇଥିବା ସେ ସୂଚନା ଦେଇଛନ୍ତି।



ଗତ ବର୍ଷ ଲାଞ୍ଚ ନେଇ ସଂସଦରେ ମହୁଆ ମୋଇତ୍ରା ପ୍ରଶ୍ନ ପଚାରିବା ନେଇ ଅଭିଯୋଗ ଆଣିଥିଲେ ଅନନ୍ତ ଦେହାଦ୍ରି। ଏହାପରେ ମହୁଆ ଏହି ଅଭିଯୋଗକୁ ମିଛ ବୋଲି କହିବା ସହ ତାଙ୍କ ବିରୋଧରେ ଅପମାନଜନକ ପୋଷ୍ଟ ସେୟାର କରିଥିଲେ। ଏହାକୁ ନେଇ ତାଙ୍କ ବିରୋଧ ଦିଲ୍ଲୀ ହାଇକୋର୍ଟ ମାନହାନୀ ମକଦ୍ଦମା ରୁଜୁ କରିଥିଲେ ଓକିଲ ଅନନ୍ତ ଦେହାଦ୍ରି ।

ଏବେ ଏହି ମାନହାନୀ ମକଦ୍ଦମାକୁ ଅନନ୍ତ ଫେରାଇ ନେଇଛନ୍ତି। ଗୁରୁବାର ଦିଲ୍ଲୀ ହାଇକୋର୍ଟରେ ଏହି ମାମଲାର ଶୁଣାଣି ହୋଇଥିଲା। ଏହି ସମୟରେ ଦେହାଦ୍ରିଙ୍କ ଓକିଲ, ଯଦି ମହୁଆ ମିଛ ବୟାନ ନଦେବାକୁ ପ୍ରତିଶ୍ରୁତି ଦିଅନ୍ତି ତେବେ ଏହି ମାମଲାକୁ ଶେଷ କରାଯାଇପାରେ ବୋଲି କହିଥିଲେ। ଏହାପର ଜବାବରେ ମହୁଆଙ୍କ ଓକିଲ କହିଥିଲେ ଯେ, ଆପୋଷ ବୁଝାମଣାରେ ମୁଁ ପଛକୁ ହଟିବାକୁ ପ୍ରସ୍ତୁତ ଅଛି।

ଜଷ୍ଟିସ ପ୍ରତୀକ ଜାଲାନ କହିଥିଲେ ଯେ, ଯଦି ଉଭୟ ପକ୍ଷ ମଧ୍ୟରେ ଆପୋଷ ବୁଝାମଣାରେ ମାମଲା ସମାଧାନ ହୋଇପାରୁଛି ତେବେ ଅଯଥା ନ୍ୟାୟିକ ସମୟ ନଷ୍ଟ କରିବା ଉଚିତ ନୁହେଁ। ଏହାପରେ ଦେହାଦ୍ରି ବନା ସର୍ତ୍ତରେ ମାମଲା ପ୍ରତ୍ୟାହାର କରିବାକୁ ରାଜି ହୋଇ ଯାଇଥିଲେ। କୋର୍ଟ ମଧ୍ୟ ଏହି ମକଦ୍ଦମାକୁ ପ୍ରତ୍ୟାହାର କରିବାକୁ ଅନୁମତି ଦେଇଛନ୍ତି।

କହିରଖୁ ଯେ, ଗତବର୍ଷ ଟିଏମ୍‌ସିର ପୂର୍ବତନ ସାଂସଦ ମହୁଆ ମୋଇତ୍ରାଙ୍କ ବିରୋଧରେ ସଂସଦରେ ଲାଞ୍ଚ ନେଇ ପ୍ରଶ୍ନ ପଚାରୁଥିବା ଅଭିଯୋଗ ହୋଇଥିଲା। ସେ ବ୍ୟବସାୟୀ ହୀରାନନ୍ଦାନୀଙ୍କ ମୁଖ୍ୟ କାର୍ଯ୍ୟକାରୀ ଅଧିକାରୀ ଦର୍ଶନ ହୀରାନନ୍ଦାନୀଙ୍କୁ ଠାରୁ ଲାଞ୍ଚ ନେଇଥିବା ଅଭିଯୋଗ କରିଥିଲେ ଅନନ୍ତ ଦେହାଦ୍ରି। ଏହା ଡିସେମ୍ବର ୮ ତାରିଖରେ ଲୋକସଭାରୁ ତାଙ୍କୁ ବହିଷ୍କୃତ କରାଯାଇଥିଲା।

## ୨୦୨୫-୨୬ରୁ ବର୍ଷକୁ ୨ ଥର ସିବିଏସ୍‌ଇ ବୋର୍ଡ ପରୀକ୍ଷା !

**ନୂଆଦିଲ୍ଲୀ:** ଏଣିକି ବର୍ଷକୁ ଦୁଇ ଥର ସିବିଏସ୍‌ଇ ବୋର୍ଡ ପରୀକ୍ଷା ଅନୁଷ୍ଠିତ ହେବ। ଆସନ୍ତା ୨୦୨୫-୨୬ ଶିକ୍ଷା ବର୍ଷରୁ ଏହି ନିୟମ ଲାଗୁ କରିବାକୁ ଶିକ୍ଷା ମନ୍ତ୍ରଣାଳୟ ଯୋଜନା କରୁଛି। ପିଲାଙ୍କୁ ଚାପ ମୁକ୍ତ ଓ ଅଧିକ ସୁଯୋଗ ଦେବା ଉଦ୍ଦେଶ୍ୟରେ ଶିକ୍ଷା ମନ୍ତ୍ରଣାଳୟ ପକ୍ଷରୁ ଏପରି ଯୋଜନା କରାଯାଉଛି। ସେହିପରି ଏବେ ସେମିଷ୍ଟର ବ୍ୟବସ୍ଥା ପାଇଁ କୌଣସି ଯୋଜନା ନଥିବା ମନ୍ତ୍ରଣାଳୟ ସୂତ୍ରରୁ ଜଣାପଡ଼ିଛି। ସୂତ୍ର ଅନୁସାରେ, ଏବେ କେବଳ ବର୍ଷକୁ ଦୁଇ ଥର ବୋର୍ଡ ପରୀକ୍ଷା କେମିତି ଅନୁଷ୍ଠିତ ହେବ, ତା' ଉପରେ ସମସ୍ତ ପ୍ରକାରର ପଦକ୍ଷେପ ନେବାକୁ ଶିକ୍ଷା ମନ୍ତ୍ରଣାଳୟ ସିବିଏସ୍‌ଇକୁ କହିଛି। ଏଥିସହ ଆସନ୍ତା ମାସରେ ବୋର୍ଡ ସମସ୍ତ ସ୍କୁଲର ପ୍ରିନ୍ସିପାଲମାନଙ୍କ ସହ ଏ ସମ୍ପର୍କରେ କଥା ହେବ। ଦୁଇ ଥର ବୋର୍ଡ ପରୀକ୍ଷା ସମ୍ପର୍କରେ ସେମାନଙ୍କ ମତାମତ ମଧ୍ୟ ଗ୍ରହଣ କରାଯିବ ବୋଲି ଏହି ସୂତ୍ରରେ କୁହାଯାଇଛି। ୨୦୨୩ ମସିହା ଅଗଷ୍ଟ ୨୩ରେ ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଥିଲେ ଯେ ୨୦୨୦ ଜାତୀୟ ଶିକ୍ଷା ନୀତି ଅଧୀନରେ ନୂଆ କରିକୁଲମ ଫ୍ରେମଓ୍ୱାର୍କ ପ୍ରସ୍ତୁତ ହୋଇ ସାରିଛି। ଏଥିରେ ବର୍ଷକୁ ଦୁଇ ଥର ସିବିଏସ୍‌ଇ ବୋର୍ଡ ପରୀକ୍ଷା ଆୟୋଜନର ମଧ୍ୟ ବ୍ୟବସ୍ଥା ରହିଛି।

# ମୌଳିକ ସୁବିଧାରୁ ବଞ୍ଚିତ ରାବୁଗୁଡାବାସୀ, ଭୋଟ୍ ବର୍ଜନ ଚେତାବନୀ




**କଲ୍ୟାଣସିଂହପୁର (ଭିଓଭି):** ରାୟଗଡା ଜିଲା କଲ୍ୟାଣସିଂହପୁର ବ୍ଲକ ଧାମୁଣିପଙ୍ଗା ପଞ୍ଚାୟତର ରାବୁଗୁଡା ଗ୍ରାମବାସୀ ମୌଳିକ ସୁବିଧାରୁ ବଞ୍ଚିତ ହୋଇ ରହିଛନ୍ତି । ଏହାକୁ ନେଇ ଭୋଟ୍ ବର୍ଜନ ଚେତାବନୀ ଦେଇଛନ୍ତି ଗ୍ରାମବାସୀ । ସେମାନେ ଗାଁକୁ ରାସ୍ତା ନାହିଁ ତ ଭୋଟ୍ ନାହିଁ ନାରା ଦେଉଥିବା ଶୁଣିବାକୁ ମିଳିଛି । ସ୍ୱାଧୀନତାର ୭୫ ବର୍ଷ ବିତି ଯାଇଥିଲେ ମଧ୍ୟ ଉକ୍ତ ଗ୍ରାମକୁ ପାନୀୟ ଜଳ, ରାସ୍ତାଘାଟ, ଆବାସ ଯୋଜନା ଭଳି ମୌଳିକ ସୁବିଧା ପହଞ୍ଚି ପାରିନାହିଁ । ସୋମବାର ରାବୁଗୁଡା ଗ୍ରାମର ମହିଳା ଓ ପୁରୁଷମାନେ ଏକତ୍ରିତ ହୋଇ କିଛି କାଠ ଆଣି ଗ୍ରାମରେ ପୋତି ସେହିଠାରେ ଏକ ସୂଚନାଫଳକ ଲଗାଇ ବସିରହି ଗାଁକୁ ରାସ୍ତା ନାହିଁ ତ ଭୋଟ୍ ନାହିଁ ବୋଲି ନାରା ଦେଉଥିବା ଦେଖିବାକୁ ମିଳିଛି । ଉକ୍ତ ବୋର୍ଡରେ ରାବୁଗୁଡାଠାରୁ କଲ୍ୟାଣସିଂହପୁର ପ୍ରାୟ ୧ କିମି ପର୍ଯ୍ୟନ୍ତ ରାସ୍ତା, ଗାଧୁଆ ତୁଠ, ଶ୍ମଶାନଘାଟ, ପିଇବା ପାଣି, ଜମିକୁ ପାଣି, ସୋଲାର ଲାଇଟ ବ୍ୟବସ୍ଥା, ବିଜୁ ପକ୍କା ଘର, ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର, କମିଟି ଗୃହ, ଝାଙ୍କିରି ମଣ୍ଡପ, ଅଙ୍ଗନବାଡି କେନ୍ଦ୍ର, ମିନି ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ର ଓ ଜଙ୍ଗଲ ଜମି ଚିହ୍ନଟ ପାଇଁ ଦାବି ଉଲ୍ଲେଖ କରିଛନ୍ତି । ଏହି ଗ୍ରାମବାସୀଙ୍କ ମୁଖ୍ୟ ଦାବି ହେଉଛି ରାସ୍ତା । ଗ୍ରାମରେ ୩୦ ଆଦିବାସୀ ପରିବାର ବସବାସ କରୁଥିବାବେଳେ ୫ ଶହ ଜନସଂଖ୍ୟା ରହିଛି । ପ୍ରାୟ ୨ ଶହ ଭୋଟର ରହିଛନ୍ତି । ଗୋଟିଏ ସୋଲାର ଲାଇଟ୍ ଲଗାଯାଇଛି । ତାହା ସନ୍ଧ୍ୟାରେ ଏକ ଘଣ୍ଟା ଜଳିବା ପରେ ଲିଭି ଯାଉଛି । ପାହାଡ଼ ଘେରା ମଧ୍ୟରେ ଗ୍ରାମ ରହିଥିବାରୁ ଗ୍ରାମବାସୀ ଭୟଭୀତ ହେଉଥିବା କହିଛନ୍ତି । ଏତେ ଗୁଡ଼ିଏ ଘରକୁ ଗୋଟିଏ ନଳକୂପ ରହିଛି । ଯାହା ଫଳରେ ପାନୀୟ ଜଳ ପାଇଁ ନାହିଁ ନଥିବା ଅସୁବିଧା ଭୋଗୁଛନ୍ତି ଗ୍ରାମବାସୀ । ଏମାନେ ଜଙ୍ଗଲ ଜାତ ଦ୍ରବ୍ୟ ସଂଗ୍ରହ କରି ବଜାରରେ ବିକ୍ରି କରି ପରିବାର ଭରଣ ପୋଷଣ କରିଥାନ୍ତି । ବର୍ତ୍ତମାନ ଗ୍ରୀଷ୍ମ ପ୍ରବାହ ଯୋଗୁଁ ନଦୀ ନାଳ ପାଣି ସୁଖି ଯାଉଛି । ନଳକୂପରୁ ପାଣି ଠିକ୍‌ରେ ବାହାରୁ ନ ଥିବା ଯୋଗୁଁ ନିକଟରେ ବହିଯାଉଥିବା କ୍ରୀଡ଼ବସା ନାଳ ସୁଖୀ ଯାଇଥିବାରୁ ଏକ ପଥର ସନ୍ଧିରେ କିଛି ପାଣି ବାହାରିଥିବାରୁ ସେହିଠାରେ ଚୁଆଁ କରି ସେହି ପାଣି ବ୍ୟବହାର କରୁଥିବା କହିଛନ୍ତି । ଉକ୍ତ ପାଣି ବ୍ୟବହାର କରି ରୋଗାକ୍ରାନ୍ତ ହେଉଛନ୍ତି ।

ବ୍ଲକଠାରୁ ରାବୁଗୁଡା ଗାଁ ପ୍ରାୟ ୧ କିମି ବାଟ ଏବଂ ମଝିରେ କଲ୍ୟାଣୀ ନଦୀ ପାର ହୋଇ ଯିବାକୁ ପଡୁଛି । ବର୍ଷା ଦିନ ହେଲେ ଏହି ଗ୍ରାମବାସୀଙ୍କ ସମେତ ବିଦ୍ୟାର୍ଥୀମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ନଚେତ ରାବୁଗୁଡାଠାରୁ ନାଳ ପାରି ହୋଇ କଅଁରଗୁଡା ଦେଇ ଢେପାଗୁଡା ଛକକୁ ବାହାରି କଲ୍ୟାଣସିଂହପୁରକୁ ଆସିଲେ ପ୍ରାୟ ୭ କିମି ବାଟ ପଡୁଛି । ଗ୍ରାମର ସମସ୍ୟା ନେଇ ପ୍ରଶାସନକୁ ପ୍ରତି ନିର୍ବାଚନ ସମୟରେ ଗୁହାରି କରି ଆସୁଥିଲେ ମଧ୍ୟ ନେତାମାନେ ପ୍ରତିଶ୍ରୁତି ଦେଇ ଭୁଲି ଯାଉଥିବା କହିଛନ୍ତି ଗ୍ରାମବାସୀ । ୨୦୨୩ ମସିହାରେ ଉକ୍ତ ଗ୍ରାମର କର୍ଷିକା ଭୀମ, କର୍ଷିକା ସିଙ୍ଗ, କର୍ଷିକା ଲକି ଓ ରାଜୀବରାଓ ବିଡିକାଙ୍କୁ ଇନ୍ଦିରା ଆବାସ ଯୋଜନାରେ ଘର ପାଇଁ ଆସିଥିବାବେଳେ ପଞ୍ଚାୟତ ଅଧିକାରୀମାନେ ଗାଁକୁ ଆସି ଜିଓ ଟେକ କରି ନେବା ପରେ ପୁଣି ତିନି ଥର ଗ୍ରାମକୁ ପରିଦର୍ଶନରେ ଆସି ହିତାଧିକାରୀଙ୍କୁ ବ୍ୟାଙ୍କ ପାସ ବହି ଓ ଆଧାର କାର୍ଡ ମାଗି ନେବାପରେ ନାମ ରିଜେକ୍ଟ ହୋଇଯାଇଛି ବୋଲି କହିଥିବା ଗ୍ରାମବାସୀ କହିଛନ୍ତି । ତେଣୁ ଆମ ଗ୍ରାମକୁ ଯେଉଁ ନିର୍ବାଚନ ଦଳ ପ୍ରଚାର ପାଇଁ ଆସିବ ଓ ଯେଉଁ ଦଳ ଆମର କାମ କରି ଦେବେ ଆମେ ତାଙ୍କୁ ଭୋଟ୍ ଦେବୁ । ନଚେତ ଗ୍ରାମକୁ ରାସ୍ତା, ସୌରଚାଳିତ ନଳକୂପ ନ ହେଲେ ଭୋଟ୍ ଦେବୁ ନାହିଁ ବୋଲି ଗ୍ରାମର ବିଡିକା ରାଇଫୁଲ, ବିଡିକା ସମ୍ବାରୁ, ଦୀପାଇ କର୍ଷିକା, ସାପାଇ କର୍ଷିକା, ପ୍ରିୟଙ୍କା କର୍ଷିକା, କର୍ଷିକା ବୁଦ୍ରା କର୍ଷିକା ବାଣୁଆ, କର୍ଷିକା ସାତି ପ୍ରମୁଖ ଚେତାବନୀ ଦେଇଛନ୍ତି ।

# ବିଦ୍ୟୁତ ନାହିଁ କି ରାସ୍ତା ନାହିଁ ଭୋଟ ଦେବୁ କାହିଁକି ?

**କଲମପୁର/ ମୁଖିଗୁଡା (ଭିଓଭି):** ବିଦ୍ୟୁତ ନାହିଁ କି ପଡା ପାଇଁ ରାସ୍ତା ନାହିଁ । ତେବେ ଆମେ ଭୋଟ ଦେବୁ କାହିଁକି ବୋଲି ନିଜ ନିଜ ପ୍ରତିକ୍ରିୟା ରଖିଛନ୍ତି ଲୁହାବାହାଲ ନୂଆପଡାବାସୀ । ଆଗାମୀ ୧୩ ମଇ ଦିନ କଳାହାଣ୍ଡି ଲୋକ ସଭା ନିର୍ବଚନ ମମ୍ଣ୍ଡଳିର ସାଂସଦ ପଦବୀ ସହ ୭ଗୋଟି ବିଧାନ ସବା ନିର୍ବାଚନ ଣ୍ଡଳିର ବିଧାୟକ ପଦବୀ ପାଇଁ ନିର୍ବାଚନ ଅନୁଷ୍ଠିତ ହେବ। ତେଣୁ ପ୍ରଶଆସନ ପକ୍ଷରୁ ଶତପ୍ରତିଶତ ମତଦାନ ପାଇଁ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମର ଆୟୋଜନ କରାଯାଉଛି ।

କିନ୍ତୁ ସୂଚନା ଅନୁସାରେ ଲାଞ୍ଜିଗଡ ନିର୍ବାଚନ ମଣ୍ଡଳି ଅଧିନସ୍ଥ ବାନେର ପଂଚାୟତ ଲୁହାବାହାଗ୍ରାଜସ୍ୱ ଗ୍ରାମର ନୁଆପଡା ପାଇଁ ନାହିଁ ବିଦ୍ୟୁତ ଆଲୁଅର ବ୍ୟବସ୍ତା ପୁଣି ନାହିଁ ପଡା ପାଇଁ ରାସ୍ତା



ଅବା ପୋଲର ବ୍ୟବସ୍ଥା, ଏପରିକି ପବିଶୁଦ୍ଧ ପାନୀୟ ଜଳ ମଧ୍ୟ ସାତ ସପନ ପାଲଟିଛି ଏହି ପଡାବାସୀଙ୍କ ପାଇଁ। ବାରମ୍ବାର ଜଣାଇଲେ ସୁଦ୍ଧା କେହି ଅଧିକାରୀ ଅଥବା ଲୋକପ୍ରତିନିଧି ପଡାବାସୀଙ୍କ ସମସ୍ୟାର ସମାଧାନ ଦିଗରେ ପଦକ୍ଷେପ ନେଇ ନାହାଁନ୍ତି । ରାତିହେଲେ ଚିନ୍ତାବଢେ ପଡାବାସୀଙ୍କ । ତାଙ୍କ ସନ୍ତାନ ସନ୍ତତିଙ୍କ ପାଠ ପଢା ପାଇଁ ଭରସା ଡିବିରି ଆଲୁଅ ।

ଏପରିକି ମହିଳାଙ୍କ ରୋଷେଇ ପାଇଁ ମଧ୍ୟ ଏହି ଡିବିରି ଆଲୁଅ ଭରସା । ରାତି ଅନ୍ଧାରରେ ସାପ, ବିଛା ଆଦି ସରିସୃପଙ୍କ ଭୟ ଲାଗି ରହୁଛି । ସ୍ୱାଧିନତାର ୭ଦଶନ୍ଧି ପରେ ମଧ ଲୁହାବାହାଲ ନୂଆପଡାବାସୀଙ୍କ ଭାଗ୍ୟରେ କେବଳ ବିଦ୍ୟୁତ୍ ଆଲୁଅ ନୁହେଁ ସେମାନଙ୍କ ପାଇଁ ଜୁଟି ନାହିଁ ସବୁଦିନିଆ ରାସ୍ତା ଅଥବା ବିଶୁଦ୍ଧ ପାନୀୟ ଜଳର ବ୍ୟବସ୍ତା । ତେଣୁ ସେମାନେ ମୌଳିକ ସୁବିଧାରୁ ବଂଚିତ ହେଇଥିବାରୁ ଆଗାମୀ ସାଧାରଣ ନିର୍ବାଚନରେ ଅଂଶଗ୍ରହଣ କରିବେ ନାହିଁ ବୋଲି ସିଦ୍ଧାନ୍ତ ନେଇଛନ୍ତି ।


# ପୁରୀରେ ଝାଡ଼ାବାନ୍ତି ଆତଙ୍କ:୩ ମୃତ, ଶତାଧିକ ଆକ୍ରାନ୍ତ, ପହଞ୍ଚିଲା ଡାକ୍ତରୀ ଦଳ

ପୁରୀ (ଭିଓଭି): ରଥଯାତ୍ରା ପୂର୍ବରୁ ପର୍ଯ୍ୟଟନ ସହର ପୁରୀରେ ବ୍ୟାପିଛି ଝାଡାବାନ୍ତି । ଦୁଇ ମହିଳାଙ୍କ ସମେତ ତିନିଜଣଙ୍କ ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି । ଶ୍ରୀମନ୍ଦିର ଦକ୍ଷିଣଦ୍ୱାର ସମ୍ମୁଖ ବରାହୀ ଲେନ୍, ଶ୍ୱେତଗଙ୍ଗା ଲେନ୍ ଏବଂ ଶ୍ୟାମାକାଳୀ ସାହିର ବହୁ ଲୋକ ଝାଡାବାନ୍ତିରେ ଆକ୍ରାନ୍ତ ହୋଇଛନ୍ତି । କେତେକ ପରିବାରରେ ଦୁଇ ତିନିଜଣ ଲେଖାଏଁ ସଂକ୍ରମିତ ହୋଇଥିବା ଜଣାପଡିଛି । ବରାହୀ ଗଳିର ଦାମୋଦର ପଣ୍ଡା ଏବଂ ଶ୍ୱେତଗଙ୍ଗା ଲେନ୍‌ର ଶଶୀମଣି ଦାସୀଙ୍କ ମୃତ୍ୟୁ ହୋଇଛି । ଶ୍ୟାମାକାଳୀ ସାହିର ଆଉ ଜଣେ ମହିଳାଙ୍କର ଝାଡାବାନ୍ତିରେ ମୃତ୍ୟୁ ହୋଇଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି । କିଛି ସଂକ୍ରମିତ ଜିଲା ଯକ୍ଷ୍ମା ଓ ସଂକ୍ରାମକ ରୋଗ ଡାକ୍ତରଖାନାରେ ଚିକିତ୍ସିତ ହେଉଥିବା ବେଳେ ଆଉ କିଛି ବ୍ୟକ୍ତି ଘରୋଇ ନର୍ସିଂହୋମ ଏବଂ ଘରେ ରହି ଚିକିତ୍ସିତ ହେଉଛନ୍ତି । ରାସ୍ତାତଳ ଦେଇ ଯାଇଥିବା ପାନୀୟ ଜଳ ଯୋଗାଣ ପାଇପ୍ ?ରେ ନଳାପାଣି ଏବଂ ପଙ୍କ ମିଶୁଥିବାରୁ ଦୂଷିତ ପାଣି ବ୍ୟବହାର କରି ଶତାଧିକ ଲୋକ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇଥିବା ଅଭିଯୋଗ ହେଉଛି । ତିନିଜଣଙ୍କ ଜୀବନ ଯିବା ପରେ ୱାଟକୋ ଅଧିକାରୀଙ୍କ ଚେତା ପଶିଛି । ଶନିବାର ଶ୍ୱେତଗଙ୍ଗା ଲେନ୍‌ର ଦୁଇଟି ସ୍ଥାନ ଖୋଳାଯାଇ ନଳାପାଣି ମିଶୁଥିବା ପାନୀୟଜଳ ପାଇପ୍ ଚିହ୍ନଟ କରାଯାଇଛି । ସେଠାରେ ନୂଆ ପାଣି ପାଇପ୍ ପକାଇବାକୁ ଉଦ୍ୟମ ଆରମ୍ଭ ହୋଇଛି । ତିନିଦିନ ତଳୁ ଏହି ତିନୋଟି ଜନବସତିରେ ଝାଡ଼ାବାନ୍ତି ବ୍ୟାପିଥିବା ଜଣାପଡିଛି । ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଏହିସବୁ ଅଞ୍ଚଳକୁ ଏପର୍ଯ୍ୟନ୍ତ ଭ୍ରାମ୍ୟମାଣ ଡାକ୍ତରୀ ଦଳ ପଠାଯାଇ ନାହିଁ ।




ତିନିଜଣ ସଂକ୍ରମିତଙ୍କ ମୃତ୍ୟୁ ପରେ ଅନ୍ୟମାନେ ଭୟଭୀତ ହୋଇ ପଡିଛନ୍ତି । ସେହିପରି ପୁରୀ ରେଡକ୍ରସ ରୋଡର କିଛି ବ୍ୟକ୍ତି ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇଥିବା ସୂଚନା ମିଳିଛି । ଆଗକୁ ରଥଯାତ୍ରା ଥିବାରୁ ପ୍ରଶାସନ ଏଥିପ୍ରତି ଏବେଠାରୁ ଯତ୍ନବାନ ନହେଲେ ସମସ୍ୟା ଅଧିକ ଜଟିଳ ହେବା ସମ୍ଭାବନା ରହିଛି । ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ସୁଜାତା ମିଶ୍ର କହିଛନ୍ତି, ଝାଡ଼ାବାନ୍ତିରେ ଜଣେ ବ୍ୟକ୍ତିଙ୍କର ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ଜଣେ ଗ୍ୟାସ୍ ରୋଗରେ ପୀଡିତ ହୋଇ ଚିକିତ୍ସାଧୀନ ଥିଲେ । ସାହିଯାତ ସମୟରେ କିଛି ବ୍ୟକ୍ତି ଦୂଷିତ ଖାଦ୍ୟ ଏବଂ ପାଣି ବ୍ୟବହାର କରିବାରୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି । ପ୍ରତ୍ୟେକ ଦିନ ୫ରୁ ୭ଜଣ ଝାଡାବାନ୍ତି ସଂକ୍ରମିତ ଜିଲା ସଂକ୍ରାମକ ରୋଗ ଚିକିତ୍ସାଳୟକୁ ଯାଉଥିବା ସେ କହିଛନ୍ତି । ସେମାନଙ୍କୁ ମାଗଣାରେ ଆବଶ୍ୟକ ଔଷଧ ଯୋଗାଇ ଦିଆଯାଉଛି । ସଂକ୍ରମିତ ଅଞ୍ଚଳକୁ ଡାକ୍ତରୀ ଦଳ ପଠାଯିବା ସହ ଘର ଘର ବୁଲି ଔଷଧ ଦିଆଯାଉଥିବା ସିଡିଏମ୍‌ଓ ଡାକ୍ତର ମିଶ୍ର କହିଛନ୍ତି ।

# ସନ୍ଦେଶଖାଲି ମାମଲାରେ ମମତା ସରକାରଙ୍କୁ ଝଟ୍‌କା, ବର୍ଷିଲେ ସୁପ୍ରିମକୋର୍ଟ



**ନୂଆଦିଲ୍ଲୀ:** ପଶ୍ଚିମବଙ୍ଗର ବହୁଚର୍ଚ୍ଚିତ ସନ୍ଦେଶଖାଲି ହିଂସା ମାମଲାରେ ମମତା ବାନାର୍ଜୀ ସରକାରଙ୍କୁ ଲାଗିଛି ବଡ ଝଟ୍‌କା। ଏହି ମାମଲାରେ ପଶ୍ଚିମବଙ୍ଗ ସରକାର ତରଫରୁ କରାଯାଇଥିବା ତତ୍କାଳ ଶୁଣାଣି ଆବେଦନକୁ କୋର୍ଟ ଖାରଜ କରିଦେଇଛନ୍ତି। ଏଥିସହ ସନ୍ଦେଶଖାଲି ମାମଲାରେ ସିବିଆଇ ତଦନ୍ତ ଜାରି ରହିବ ବୋଲି ସର୍ବୋଚ୍ଚ ଅଦାଲତ କହିଛନ୍ତି।

ନିକଟରେ କଲିକତା ହାଇକୋର୍ଟ ସନ୍ଦେହଖାଲି ମାମଲାରେ ସିବିଆଇ ତଦନ୍ତ କରିବାକୁ ରାୟ ଦେଇଥିଲେ। ତେବେ ଏହାକୁ ଚ୍ୟାଲେଞ୍ଜ କରି ସୁପ୍ରିମକୋର୍ଟର ଦ୍ୱାରସ୍ଥ ହୋଇଥିଲା ପଶ୍ଚିମବଙ୍ଗ ସରକାର। ଆଜି ଏହି ମାମଲାରେ ଜଷ୍ଟିସ ବିଆର ଗବଇ ଏବଂ ଜଷ୍ଟିସ ସନ୍ଦୀପ ମେହେତାଙ୍କ ବେଞ୍ଚ ଶୁଣାଣି ବେଳେ ପଶ୍ଚିମବଙ୍ଗ ସରକାର ଉପରେ ବର୍ଷିଛନ୍ତି। ହାଇକୋର୍ଟ ଦେଇଥିବା ଆଦେଶକୁ ସ୍ଥଗିତ ରଖାଯାଇ ପାରି ନାହିଁ ବୋଲି ବେଞ୍ଚ କହିଛନ୍ତି।

ଏଥିସହ ଶୁଣାଣି ସମୟରେ ଜଣେ ବ୍ୟକ୍ତିଙ୍କ ବିରୋଧରେ ଚାଲିଥିବା ତଦନ୍ତକୁ ରାଜ୍ୟ ସରକାର ବିରୋଧ କରୁଥିବା ନେଇ କୋର୍ଟ ଆଶ୍ଚର୍ଯ୍ୟ ପ୍ରକଟ କରିଛନ୍ତି। ଜଣେ ବ୍ୟକ୍ତିଙ୍କ ସ୍ୱାର୍ଥ ରକ୍ଷା ପାଇଁ ରାଜ୍ୟ ସରକାର କିପରି ସୁପ୍ରିମକୋର୍ଟଙ୍କ ନିକଟକୁ ଯାଇପାରିବେ ବୋଲି ପ୍ରଶ୍ନ କରିଛନ୍ତି।

ସୁପ୍ରିମକୋର୍ଟ ଏହା ମଧ୍ୟ ସ୍ପଷ୍ଟ କରିଛନ୍ତି ଯେ ରାଜ୍ୟର ମମତା ବାନାର୍ଜୀ ସରକାର ଏଠାରେ ବିଚାରାଧୀନ ମାମଲା ଆଧାରରେ ହାଇକୋର୍ଟରୁ କୌଣସି ସୁବିଧା ନେବାକୁ ଚେଷ୍ଟା କରିପାରିବେ ନାହିଁ। ଏଥିସହ ଏହି ମାମଲର ତତ୍କାଳ ଶୁଣାଣି କରିବାକୁ ମଧ୍ୟ କୋର୍ଟ ମନା କରିଦେଇଛନ୍ତି। ଆସନ୍ତା ଜୁଲାଇ ଦ୍ୱିତୀୟ ସପ୍ତାହରେ ଏହି ମାମଲାର ପରବର୍ତ୍ତୀ ଶୁଣାଣି ହେବ।

କହିରଖୁ ଯେ, କଲିକତା ହାଇକୋର୍ଟ ଏପ୍ରିଲ ୧୦ ତାରିଖରେ ସନ୍ଦେଶଖାଲିରେ ମହିଳାଙ୍କ ଯୌନ ଶୋଷଣ ଏବଂ ଜମି ହଡପ ଅଭିଯୋଗର ତଦନ୍ତକୁ ସିବିଆଇକୁ ହସ୍ତାନ୍ତର କରିଥିଲେ। ରାଜ୍ୟ ସରକାର ଏହାକୁ ବିରୋଧ କରୁଛନ୍ତି। ଶାସକ ଦଳର ତୃଣମୂଳ କଂଗ୍ରେସ (ଟିଏମସି) ର ନିଲମ୍ବିତ ନେତା ଶେଖ ଶାହାଜାହାନ ଏହି ମାମଲାର ମୁଖ୍ୟ ଅଭିଯୁକ୍ତ ଅଛନ୍ତି। ତାଙ୍କୁ ଏହି ମାମଲାରେ ଗିରଫ ମଧ୍ୟ କରାଯାଇଛି। ସେ ଏବଂ ତାଙ୍କ ସହଯୋଗୀମାନେ ମହିଳାଙ୍କ ଯୌନ ଉତ୍ପୀଡ଼ନ କରି ଜମି ହଡପ କରିଥିବା ଅଭିଯୋଗ ରହିଛି।

# ହେମନ୍ତ ସୋରେନ୍‌ଙ୍କୁ ଝଟ୍‌କା, ମିଳିଲାନି ଜାମିନ୍



**ନୂଆଦିଲ୍ଲୀ:** ଜମି ଦୁର୍ନୀତି ମାମଲାରେ ଝାଡଖଣ୍ଡର ପୂର୍ବତନ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ୍‌ଙ୍କୁ ଝଟ୍‌କା। ତାଙ୍କୁ ମିଳିଲାନି ଜାମିନ୍। ତାଙ୍କୁ ଅନ୍ତରୀଣ ଜାମିନ ଦେବାକୁ ମନା କରିଦେଲେ କୋର୍ଟ।

ଜମି ଦୁର୍ନୀତି ମାମଲାରେ ଜେଲରେ ଥିବା ଝାଡ଼ଖଣ୍ଡର ପୂର୍ବତନ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ ଅନ୍ତରୀଣ ଜାମିନ ପାଇଁ ଆବେଦନ କରିଥିଲେ। ତାଙ୍କ ବଡବାପାଙ୍କ ଅନ୍ତିମ ସଂସ୍କାରରେ ଯୋଗଦେବା ପାଇଁ କୋର୍ଟଙ୍କୁ ୧୩ ଦିନର ମଧ୍ୟବର୍ତ୍ତୀକାଳୀନ ଜାମିନ ମାଗିଥିଲେ। ହେଲେ ଏହି ଆବେଦନର ଶୁଣାଣି କରି ରାଞ୍ଚିର ସ୍ୱତନ୍ତ୍ର ପିଏମଏଲଏ କୋର୍ଟ ତାଙ୍କୁ ମଧ୍ୟବର୍ତ୍ତୀକାଳୀନ ଜାମିନ ଦେବାକୁ ମନା କରି ଦେଇଛନ୍ତି। ଫଳରେ ସେ ଆଉ ନିଜ ବଡବାପା ରାଜାରାମ ସୋରେନଙ୍କ ଅନ୍ତିମ ସଂସ୍କାରରେ ଯୋଗ ଦେଇ ପାରିବେ ନାହିଁ।

କୋର୍ଟରେ ଦାଖଲ ହୋଇଥିବା ଆବେଦନରେ ବଡବାପା ରାଜାରାମ ସୋରେନ୍‌ଙ୍କ ଏପ୍ରିଲ ୨୭ରେ ଦେହାନ୍ତ ହୋଇଥିବା ନେଇ ହେମନ୍ତ ସୋରେନ୍‌ଙ୍କ ଓକିଲ ଦର୍ଶାଇଥିଲେ। ଏଥିଯୋଗୁ ସେ ତାଙ୍କ ଦଶାହ କାର୍ଯ୍ୟରେ ସାମିଲ ହେବାକୁ କୋର୍ଟଙ୍କ ୧୩ ଦିନର ମଧ୍ୟବର୍ତ୍ତୀକାଳୀନ ଜାମିନ ପାଇଁ ଅନୁମତି ମାଗିଥିଲେ। ତେବେ କୋର୍ଟରେ ଶୁଣାଣି ବେଳେ ଇଡି ଏହାକୁ ବିରୋଧ କରିଥିଲା। ଏହାପରେ କୋର୍ଟ ତାଙ୍କୁ ଜାମିନ ଦେବାକୁ ମନା କରିଦେଇଥିଲେ।

କହି ରଖୁଛୁ ଯେ ଜେଏମଏମ ସଭାପତି ଶିବୁ ସୋରେନଙ୍କ ବଡ଼ ଭାଇ ରାଜାରାମ ସୋରେନଙ୍କ ଶନିବାର ସକାଳେ ତାଙ୍କ ରାଞ୍ଚି ବାସଭବନରେ ଦେହାନ୍ତ ହୋଇଥିଲା । ରାଜାରାମ ସୋରେନ ଦୀର୍ଘ ସମୟ ଧରି ଅସୁସ୍ଥ ଥିଲେ। ଜମି ଦୁର୍ନୀତି ସହ ଜଡିତ ମନି ଲଣ୍ଡରିଂ ମାମଲାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ଜାନୁଆରୀ ୩୧ରେ ହେମନ୍ତ ସୋରେନ୍‌ଙ୍କୁ ଗିରଫ କରିଥିଲା। ସେବେଠାରୁ ସେ ପ୍ରାୟ ୩ ମାସ ହେଲା ନ୍ୟାୟିକ ହେପାଜତରେ ଅଛନ୍ତି।

# ଧନଞ୍ଜୟଙ୍କୁ ମିଳିଲା ଜାମିନ୍, କିନ୍ତୁ ନିର୍ବାଚନ ଲଢ଼ିବା ମନା

**ନୂଆଦିଲ୍ଲୀ:** ପୂର୍ବତନ ସାଂସଦ ତଥା ବାହୁବଳୀ ନେତା ଧନଞ୍ଜୟ ସିଂହଙ୍କୁ ଆହ୍ଲାବାଦ ହାଇକୋର୍ଟରୁ ଲାଗିଛି ଝଟ୍‌କା। ତାଙ୍କୁ କୋର୍ଟ ଜାମିନ ପ୍ରଦାନ କରିଛନ୍ତି। କିନ୍ତୁ ସେ ନିର୍ବାଚନ ଲଢ଼ି ପାରିବେ ନାହିଁ। ତାଙ୍କ ଦଣ୍ଡାଦେଶ ଶୁଣାଣି କରିବାକୁ କୋର୍ଟ ମନା କରି ଦେଇଛନ୍ତି। ଏହି କାରଣରୁ ସେ ଲୋକ ସଭା ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରିପାରିବେ ନାହିଁ।



ଜଷ୍ଟିସ ସଞ୍ଜୟ କୁମାର ସିଂହଙ୍କ ଖଣ୍ଡପୀଠ ଧନଞ୍ଜୟଙ୍କ ମାମଲାର ଶୁଣାଣି କରିଥିଲେ। ଏହି ସମୟରେ ନମାମି ଗଙ୍ଗେ ପ୍ରୋଜେକ୍ଟ ମ୍ୟାନେଜରଙ୍କ ଅପହରଣ ମାମଲାରେ ଏମ୍‌ପି ଏମ୍‌ଏଲ୍‌ଏ କୋର୍ଟ ତାଙ୍କୁ ଦେଇଥିବା ୭ ବର୍ଷ ଜେଲ୍ ଦଣ୍ଡାଦେଶକୁ ସ୍ଥଗିତ ରଖିବାକୁ ମନା କରିଦେଇଛନ୍ତି। ତେବେ ଏହି ମାମଲାରେ ଧନଞ୍ଜୟଙ୍କୁ ଜାମିନରେ ଜେଲରୁ ମୁକ୍ତ କରିବା ପାଇଁ କୋର୍ଟ ମଞ୍ଜୁରୀ ପ୍ରଦାନ କରିଛନ୍ତି।

ଧାନଞ୍ଜୟ ସିଂହ ଦଣ୍ଡାଦେଶ ଉପରେ ରୋକ୍ ଲଗାଇବା ଓ ଜାମିନ ପାଇଁ ହାଇକୋର୍ଟରେ ଆବେଦନ ହୋଇଥିଲା। ଗୁରୁବାର ଧନଞ୍ଜୟ ସିଂହଙ୍କ ଆବେଦନ ଉପରେ ଶୁଣାଣି ଶେଷ ହେବା ପରେ ଆହ୍ଲାବାଦ ହାଇକୋର୍ଟ ନିଜ ରାୟକୁ ସଂରକ୍ଷିତ ରଖିଥିଲେ। ଏହି ବାହୁବଳୀ ଜୈନପୁର ଜିଲ୍ଲା ଜେଲରୁ ବରେଲି ଜେଲ୍‌କୁ ସ୍ଥାନାନ୍ତର କରାଯାଇଥିଲା। ମାର୍ଚ୍ଚ ମାସରୁ ସେ ଜୈନପୁର ଜେଲରେ ବନ୍ଦୀ ଥିଲେ। କହିରଖୁ ଯେ, ଧନଞ୍ଜୟ ସିଂହଙ୍କୁ ଜୈନପୁର ଏମ୍‌ପି ଏମ୍‌ଏଲ୍‌ଏ କୋର୍ଟ ଦୋଷୀ ସାବ୍ୟସ୍ତ କରିବା ପରେ ତାଙ୍କ ପତ୍ନୀ ଶ୍ରୀକଲା ରେଡ୍ଡୀ ବିଏସପି ଟିକେଟରେ ନିର୍ବାଚନ ଲଢୁଛନ୍ତି।

# ଆପର ପ୍ରଚାର ଗୀତ ଉପରେ ରୋକ୍ ଲଗାଇଲେ ECI




**ନୂଆଦିଲ୍ଲୀ:** ନିର୍ବାଚନ ଆୟୋଗ (ECI) ଆମ୍ ଆଦମୀ ପାର୍ଟିର ପ୍ରଚାର ସଂଗୀତ ଉପରେ ପ୍ରତିବନ୍ଧକ ଲଗାଇଛନ୍ତି। ଦଳ ପକ୍ଷରୁ ରିଲିଜ୍ ହୋଇଥିବା 'ଜେଲ୍ କେ ଜୱାବ ମେଁ ହମ୍ ଭୋଟ୍ ଦେଙ୍ଗେ' ଗୀତ ଉପରେ କଟକଣା ଲଗାଯାଇଥିବା ଆପ୍ ନେତ୍ରୀ ଆତିଶୀ ମାର୍ଲେନା ସାମ୍ବାଦିକ ସମ୍ମିଳନୀ ଯୋଗେ ସୂଚନା ଦେଇଛନ୍ତି।

ଏକ ସାମ୍ବାଦିକ ସମ୍ମିଳନୀରେ ଆତିଶୀ ଏନେଇ ନିର୍ବାଚନ ଆୟୋଗଙ୍କ ଉପରେ କ୍ଷୋଭବ୍ୟକ୍ତ କରି କହିଛନ୍ତି, 'ନିର୍ବାଚନ ଆୟୋଗ ପକ୍ଷପାତିତା କରୁଛନ୍ତି। ବିଜେପି ଯେତେବେଳେ ବିରୋଧୀ ଦଳ ନେତାଙ୍କୁ ଥାନାରେ ରଖିବା ପାଇଁ ଇଡି ଆଉ ସିବିଆଇକୁ ବ୍ୟବହାର କରୁଛି ସେତେବେଳେ ଆୟୋଗ କିଛି ବଦଳାଇ ପାରୁନାହାନ୍ତି।' କିନ୍ତୁ କେହି ଯଦି ଏହି କଥାକୁ କ୍ୟାମ୍ପେନ ମାଧ୍ୟମରେ କହିବାକୁ ଚାହୁଁଛି ସେତେବେଳେ ନିର୍ବାଚନ ଆୟୋଗଙ୍କୁ ଅସୁବିଧା ହୋଇଯାଉଛି। ଏହା କେବଳ ଏକଛତ୍ରବାଦୀ ସରକାରର ଲକ୍ଷଣ ବୋଲି ଆତିଶୀ କହିଛନ୍ତି।

ପ୍ରକାଶ ଥାଉକି, ଏହା ପୂର୍ବରୁ ମହାରାଷ୍ଟ୍ରର ଉଦ୍ଧବ ଠାକରେଙ୍କ ଗୋଷ୍ଠୀର ପ୍ରଚାର ସଂଗୀତରୁ କିଛି ଶବ୍ଦ ହଟାଇବାକୁ ନିର୍ଦ୍ଦେଶ ଦେଇଥିଲେ ନିର୍ବାଚନ ଆୟୋଗ। ସଂଗୀତରେ ଥିବା 'ହିନ୍ଦୁ' ଏବଂ 'ଜୟ ଭବାନୀ' ଶବ୍ଦ ବଦଳାଇବାକୁ ଆୟୋଗ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ଏ ଶବ୍ଦ ଆମେ ହଟାଇବୁ ନାହିଁ ବୋଲି ଉଦ୍ଧବ ଠାକରେ ସିଧା ସିଧା ମନା କରିଦେଇଥିଲେ।

**TARIFF**

| | | |
|---|---|---|
| Full Page | Colour | -15000 |
| Full Page | B/W | - 10000 |
| Half Page | Colour | -10000 |
| Half Page | B/W | - 6000 |
| Quarter Page | Colour | - 5000 |
| Quarter Page | B/W | - 3000 |

**CONTACT**

6371417361 voiceofvictimsnews@gmail.com
www.voiceofvictims.co.in
**Follow / Like / Subscribe :**
Voice Of Victims News

Printed by Gyana Ranjan Mishra and published by Gyana Ranjan Mishra on behalf of Voice Of Victims Trust and Printed at M/S Bhagawati Electronic Process,D-3, Mancheswar Industrial Estate, Bhubaneswar,Khurda, Odisha, Pin- 751010 and Published at EB-24, Stage-V, Laxmisagar Brit colony, Bhubaneswar, Khurda, Odisha, Pin-751006
**Editor: Gyana Ranjan Mishra** **ସମ୍ପାଦକ: ଜ୍ଞାନ ରଞ୍ଜନ ମିଶ୍ର**